# ପିଲାଙ୍କ କଥା

## (କିସାନ୍)

### ପ୍ରଥମ ଭାଗ



# ପିଲାଙ୍କ କଥା (କିସାନ୍)

## ପ୍ରଥମ ଭାଗ

ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରରେ ପିଲା ଓ
ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା


ନିର୍ଦ୍ଦେଶକ
**ପ୍ରଫେସର ଅଖିଳ ବିହାରୀ ଓତା**

ପ୍ରସ୍ତୁତି
**ଶ୍ରୀ ତସିଲ ଟପ୍ପୋ**
**ଶ୍ରୀ ରାତୁରାମ ମାଝୀ**

ସଂଯୋଜନା
**ଡ଼ଃ ପରମାନନ୍ଦ ପଟେଲ**

ଅଳଙ୍କରଣ
**ପ୍ରିୟରଞ୍ଜନ ବରାଳ**



ପ୍ରକାଶକ
**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର



Director :
**Prof. (Dr.) A.B. Ota**

Prepared by :
**Sri Tasil Tappo**
**Sri Raturam Majhi**

Co-ordinator :
**Dr. Paramananda Patel**

Illustration :
**Priyaranjan Baral**



Published by :
**Academy of Tribal Languages & Culture**
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସଂପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକ ଅନେକ ଉପଭାଷା ବୋଲି ତିଆରି କରି ଦେଇଛି । ତେଣୁ ବିସ୍ତାରକୁ ନେଲେ ଅନେକ ଭାଷା-ଉପଭାଷାର ବିଚିତ୍ର ସ୍ଥିତି ଆମକୁ ଅଡୁଆ କରିଥାଏ ।

ଦ୍ୱିତୀୟତଃ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀରୁ ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରେକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥାର ଭାଷା ସହ ଜଡ଼ିତ ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ । ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍‌ର ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ । ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକ ମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପର୍ଯ୍ୟାୟକ୍ରମେ ତାଲିମ୍ ଦେଇଆସୁଛି । ଦ୍ୱିତୀୟତଃ ପ୍ରଥମ-ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବା ପାଇଁ ତାଙ୍କ ଭାଷା-ସଂସ୍କୃତି-ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ର ଭିତ୍ତିକ କାହାଣୀ-ଗୀତ-ପହଳିର ଅତିରିକ୍ତ ପୁସ୍ତିକା । ଏହା ପିଲାମାନଙ୍କୁ କେବଳ ଆନନ୍ଦ ଦେବ ତା ନୁହେଁ ତାଙ୍କ ସଂସ୍କସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ସଂକ୍ରମିତ କରୁଛି ତା ଉପରେ ଧାରଣା ପାଇବେ ।

ଏହି ଭାଷାରେ କିସାନ ସଂସ୍କୃତିର ବିଭିନ୍ନ ବିଭବକୁ ଗଳ୍ପ ହିସାବରେ ପରିବେଷଣ କରାଯାଉଛି । ସାଂସ୍କୃତିକ ଅବବୋଧ ସହ ଭାଷାର ମୂଳ ଭାବସହ ପରିଚିତ ହେଲେ ପଠନ ସହ ଶିକ୍ଷାର ବିକାଶ ସହଜ ହେବ ।

**ଅଖିଳବିହାରୀ ଓତା**

# ଭାଲୁମୁଣ୍ଡା

ଆଘ୍‌ଲି ଜୁଗ୍‌ଗ୍ନୁ ନାଦୁ ବୋଲି ଅଣ୍ଟା ତିହାର୍ ମାନା ଲିଆଦ୍ । ଇ ତିହାର୍‌ନୁ ଅଣ୍ଟାସାନ୍ ଯେତେ ଆଲାର୍ ପୂଜା କାମାଲିଆର୍ । ପୂଜାନୁ ବାରଜୋଡା ହେରୁ ପିଟା ଲିଆର୍ । ପୂଜା ମୁଞ୍ଜ୍‌ରା ହାଲେ କୁକ୍କ କୁକ୍କାଏ ଜାମାର୍ ନାଲା ଲିଆର୍ । ଇନ୍ନୁ ହେଲ୍ ଢ଼ୋଲ ଗୁଠି ଆସ୍‌ସା ଲିଆର୍ । ଅହନ୍ ଅଣ୍ଟାସାନ୍ "ନାଦୁ" ପୂଜା ମାନା ଲିଆଦ୍ । ଆଲାର୍ ନାଲାଲ୍‌ନାର୍ ଆରୁ ବାଜା ଆଲ୍‌ନାର୍ । ଇ ବାକେନ୍ ଆସାନ୍‌ଙ୍ଗେ ଅଣ୍ଟା ଆଲାସ୍ ବାର୍‌ଚାସ୍ । ଆସ୍ ଆବ୍‌ରାର୍ ଗାନେ ନାଲ୍ଲା ବେଦ୍ଦିଆସ ଆରୁ ଧାର୍‌ଚାସ୍ ।



ଆଗ ଯୁଗରେ ନାଦୁ ବୋଲି ଗୋଟିଏ ପର୍ବ ହେଉଥିଲା । ଏହି ପର୍ବରେ ସମସ୍ତେ ଗୋଟିଏ ଜାଗାରେ ପୂଜା କରୁଥିଲେ । ପୂଜାରେ ବାର ଯୋଡ଼ା କୁକୁଡ଼ା ମାରୁଥିଲେ । ପୂଜା ସରିଗଲେ ସମସ୍ତ ପୁଅଝିଅ ଏକାଠି ନାଚୁଥିଲେ । ଏଥିରେ ଢ଼ୋଲ, ମାନ୍ଦଲ ବଜାଉଥିଲେ । ଥରେ ଗୋଟିଏ ଜାଗାରେ "ନାଦୁ" ପୂଜା ହେଉଥିଲା । ଲୋକମାନେ ନାଚୁଥିଲେ ଆଉ ବାଜା ବଜାଉଥିଲେ । ଏହି ସମୟରେ ସେଠାକୁ ଜଣେ ଲୋକ ଆସିଲା । ସେ ସେମାନଙ୍କ ସହ ନାଚିବା ପାଇଁ ଚହିଁଲା ଏବଂ ନାଚିଲା ।

**ହାଲେ ତାଙ୍ଗାନ୍ ନେର୍ହି ମା ଧାର୍ଚାର୍ । ଆସ୍ ଖିସା ରାଚାସ୍ କେରାସ୍ ଆରୁ ହୋଡ଼ା କରି ପାର୍ତା ବାରାଲି ବୁଲି ଚିର୍ରା ରାଚାସ୍ । ସତ୍କେ ସତ୍ ଆଣ୍ଟା ପାର୍ତା ବାରଚାଦ୍ ଆରୁ ଆବ୍ଡ଼ାରିନ୍ କୁଲିୟା ଚିଦ୍ । ଇ ଘାଟ୍ନା ବନ୍ ସାତତୁ ବୁଲି ତେଙ୍ଗ୍ନାର୍ । ଆ ପାର୍ତାଦ୍ ଏଥ୍ରା ଜୁଟି ଆତ୍ଲି । ଇ ପାର୍ତାବଦ୍ "ଭାଲୁମୁଣ୍ଡା" ସାନ୍ ଆତ୍ଲି ।**



କିନ୍ତୁ ତାକୁ କେହି ମିଶାଇଲେ ନାହିଁ । ସେ ରାଗିଲା ଏବଂ ଗୋଟିଏ ଲଣ୍ଡା ପାହାଡ଼ ଆସୁଛି ବୋଲି କହିଲା । ସତକୁ ସତ ଗୋଟିଏ ପାହାଡ଼ ଆସି ସେମାନଙ୍କୁ ଢ଼ାଙ୍କିଦେଲା । ଏହି ଘଟଣା ସତରେ ଘଟିଥିଲା ବୋଲି ଲୋକେ କହନ୍ତି । ଏହି ପାହାଡ଼ ଏ ପର୍ଯ୍ୟନ୍ତ ଅଛି । ଏହି ପାହାଡ଼ "ଭାଲୁମୁଣ୍ଡା" ଠାରେ ଅଛି ।

# ଗାଏ ବାଲେନ୍ (ଗାଈ ରୋଗ)

ଭାଆଁର ଖୋଲ ବୋଲି ଅଣ୍ଟା ଡିହି । ଆଡ଼ିହିନୁକ୍ମ ଆଲ୍ରାନାୟ । ଜାମାର୍ ତାମ୍ହେଁତାମ୍ହେଁ ଉଲା ବହୁତ ବାନେନୁ ଉଲ୍ରନାୟ । ଡ଼ିହି ଉାହାନୁ ହାର୍ବୁ ଅଣ୍ଟାରାଉ । ଡ଼ିହିନ୍ତା ଆଲାର୍ ଆହାର୍ବୁଉହାନୁ ଓୟ ମେଖ୍ ଗାଏବନ୍ ହାପ୍ନାୟ । ଆହାର୍ବୁନୁ ଆଲାର୍ ତାମ୍ହେଁଦାର୍କାରିଦାର୍ବୁନ୍ ବେଦ୍ଧାନାୟ । ଅହନ୍ଡ଼ିହିନୁ ଖୁରାବେମାର୍ ମାଞ୍ଜା ଯେତେରକମକାମ୍ଚ୍ତ୍ତି ମାଛାଡ୍ରାଦୟାମାର ଚିନ୍ତାନୁ ଖାତ୍ରାର୍କେରାର । ଖୟାରୀ ଆଲାରିନ ଢେଙ୍ଗିଆସ୍ ଯେ ଗ୍ରାମ୍ସିରିଦ୍ ନାମ୍ହେଁ ମିୟାଁ ଖିସ୍ ଉଇ କେଚି । ଆଧଗିଲାଗାନ୍ ନାନ୍ନୁଉଲ୍ଲୁପାଏରି ଖମାରି ତେଙ୍ଗକା ହିସାବନୁ ପୂଜାଦାରବୁଁ ସୁପାରୀ ଧୁୟାଲି ସାତ୍ ତାଏତ୍ରେକା ତେଁତେର ଡାଲା ଗୁଠିନ୍ ଅନ୍ଦ୍ରାର୍ । ହେରୁ ଗାଞ୍ଜା ଅଣ୍ଟାଭି ଅନ୍ଦ୍ରାର୍ । ଆଲାାରତେଲା ସଙ୍ଗାଆଲେବଡ଼/ଲେବଡା ବାରଉର୍ । ଯାମାର୍ ଡ଼ିହି ମୁଡ଼ିଗେ ଆଣ୍ସିଆର୍ ।



**ଗୁଣିଆସ ଦୋବାଟାନୁ ଝ ଝ ଅକ୍ତା ଝସ୍ ତେଲାସଙ୍ଗାନୁ ଗାର ଟାଣ ଝସ୍ଆରୁ ଆଗାର୍ବନ୍ ଡେଘିକରି ଆଘ୍ଲି କାଟ୍ଟିଆର୍ । ନେଧ୍ଵ ପାଛିଲିଗେ ମାଲ୍ଲୁ କିର୍ରେ ଏରୁର୍ । ହାର୍ବୁହାପାଖା ଯାମାରକେରାର୍ । ମାକ୍କା ମାନୁ ମୁଲିନୁ ପୂଜାକାମ୍ଝର ଧୁମ୍ବାଲି ସାଡ଼ତା ଚିୟାକରି ପୂଜା କାମ୍ ଚାର୍ ଆରୁ ପୂଜାକାମିକରି ହେରୁନ୍ ହାର୍ବୁନୁ ଆମ୍ବିଝର ।**

**ଆସ ପାଛଲି କେଁତେର୍ ବନ୍ହିଝ ଝସ୍ ଆରୁ ସଙ୍ଗାପୁତ୍ତାନୁ ନିନ୍ଦାଇଝସ୍ । ଶେଷନୁ ଖମ୍ମାରିସ୍ମନ୍ତର୍ ପାଢ଼ଝସ । ପାଛଲିବାକେନ ଭୋଜି ମାଣ୍ଡି କାମାକେରାଦ୍ । ଆନ୍ତିନ୍ଆର ଆଡ଼ପାଗେକିରିୟାର । ତଥାପି ଓୟୁ ଗାୟଗେ ବେମାର୍ ମାକେରାଦ୍ ପାଛଲି ଆଡ଼ିହିଗେ ଅଣ୍ଡା ଡ଼ାକ୍ତର ବାର୍ଝସ୍ ଆରୁ ପ୍ରତିଶୋଧକ ଇଞ୍ଜେକ୍ସନ୍ ଚିଝସ । ଇଦ୍ଗେପାଛ୍ଲି ଖୁରାବେମାରଠିକ୍ ମାଞ୍ଜାଦ୍ । ଆରୁବୁଝାରକେରାର୍ ଯେ ପ୍ରତିସୋଧକ ମାନ୍ଦାର୍ ଚିନାଉଚିତ୍ ।**

ଭାଆଁରଖୋଲ ବୋଲି ଗାଁ ଟିଏ । ସେହି ଗାଁ’ରେ କମ୍ ଲୋକ ରହନ୍ତି । ସମସ୍ତେ ନିଜ ନିଜ ଭିତରେ ଖୁବ୍ ଭଲ ଭାବରେ ଚଳନ୍ତି । ଗାଁ ପାଖେ ଜଙ୍ଗଲଟିଏ ଥିଲା । ଗାଁ ଲୋକମାନେ ସେହି ଜଙ୍ଗଲ ପାଖରେ ଗାଈଗୋରୁ ଚରାନ୍ତି । ସେହି ଜଙ୍ଗଲରୁ ଲୋକମାନେ ତାଙ୍କ ଦରକାରୀ ଜିନିଷ ସଂଗ୍ରହ କରନ୍ତି । ଥରେ ଗାଁରେ ଫାଟୁଆ ରୋଗ ହେଲା । ଯାହା କଲେ ମଧ୍ୟ ଛାଡ଼ିଲା ନାହିଁ । ସମସ୍ତେ ଚିନ୍ତାରେ ପଡ଼ିଲେ । ଖମାରୀ ଲୋକମାନଙ୍କୁ କହିଲା ଜଣେ ଗ୍ରାମ ଦେବୀ ଆମ ଉପରେ ରାଗିଛନ୍ତି । ତେଣୁ ତା’ ଆରଦିନ ସକାଳୁ ଖମାରୀଙ୍କ କହିବା ଅନୁସାରେ ପୂଜା ଜିନିଷ ଗୁଆ-ଧୂପ, ଝୁଣା, ଛେଳି, କୁଲା, ଡଲା ଆଦି ଆଣିଲେ । କୁକୁଡ଼ା ଗଞ୍ଜାଟିଏ ମଧ୍ୟ ଆଣିଲେ । ଲୋକମାନେ କେନ୍ଦୁ ବାଡ଼ି ଫିଙ୍ଗି ଫିଙ୍ଗି ଆସିଲେ । ସମସ୍ତେ ଯାଇ ଗାଁ ମୁଣ୍ଡରେ ପହଞ୍ଚିଲେ । ଗୁଣିଆ ଛକରେ ପଥର ରଖିଲେ । କେନ୍ଦୁ ବାଡ଼ିରେ ୩ଟି ଗାର ଟାଣିଲେ ଓ ସେହି ଗାରକୁ ଡେଇଁ ଆଗକୁ ଗଲେ । କେହି ପଛକୁ ଅନାଇଲେ ନାହିଁ ।

ଜଙ୍ଗଲ ଆରପଟକୁ ସମସ୍ତେ ଗଲେ । ଶାଳଗଛ ମୂଳେ ପୂଜା କଲେ, ଧୂପ ଦ୍ୱୀପ ଦେଇ ଗଞ୍ଜାକୁ ପୂଜା କଲେ ଓ ପୂଜା କରି କୁକୁଡ଼ାକୁ ଜଙ୍ଗଲରେ ଛାଡ଼ିଦେଲେ । ସେ ପଛରେ କୁଲାକୁ ବାନ୍ଧିଦେଲେ ଏବଂ ବାଡ଼ିକୁ ଉଇ ହୁଙ୍କାରେ ପୂରାଇଲେ । ଶେଷରେ ଖମାରୀ ମନ୍ତ୍ର ପାଠ କଲେ । ପରେ ଭୋଜିଭାତ କରାଗଲା । ସେମାନେ ଘରକୁ ଫେରିଆସିଲେ । ତଥାପି ଗାଈ ଗୋରୁଙ୍କ ରୋଗ ଗଲାନାହିଁ । ପରେ ସେ ଗାଁକୁ ଜଣେ ଡାକ୍ତର ଆସିଲେ ଏବଂ ପ୍ରତିଷେଧକ ଇଞ୍ଜେକ୍ସନ୍ ଦେଲେ । ଏହାପରେ ଫାଟୁଆରୋଗ ଭଲ ହେଲା । ସେମାନେ ବୁଝିଗଲେ ଯେ ପ୍ରତିଷେଧକ ଔଷଧ ଦେବା ଉଚିତ୍ ।

# କର୍ମା କାଥାଣୀ

ଅଣ୍ଡାଡ଼ିହିନୁ ସାଧବ ପାଚ୍‌ଗେ ପାଚ୍‌କିର୍ ରାଚାର୍ । ତଘାଂୟ ଅଣ୍ଡାମକାରାଛଦ୍ । ତାଘାଂୟ ସାତ୍‌ତେଟା ହାର୍ଦ୍ଦୁ ସାତେଟା ହେଡ୍ ରାଛର । ଆସାଧବ-ପାଚ୍‌କିସେ ଅଝାବର୍ ଧାନ୍‌ନୁ ରାଛଦ୍ । ସାଧବପାଚକିସ୍ ତାଘାଂୟ ହାଦ୍ଦୁ ହେଡ଼ହଇକରି ସୁଖୁନ୍ ରାଜକାମାଲିୟାସ୍ । ସାଧବ ପାଚକିସ୍ ତାଘାଂୟ ସାତେଟା ହଦ୍ଦୁରିନ୍ ବେପାରବଣିଜ କାମାଗେ ବିଦେଶଗେତାୟାସ୍ । ଆନ୍ତିନ୍ ସାଧବ ପାଚ୍‌କିସ୍ ତାଘାଂୟହେଡ଼ଗୁଠିଆର୍‌ଗେନ୍ ଧାରିକରି ସୁଖୁନୁ ସଂସାର କାମ୍‌ଛସ୍ । ଇଦପାଛିଲି ଉବିତ୍ରାକେରା ଗେଭନିଅଁଦୋଛନ୍ଦ ଶୁକ୍ଳପକ୍ଷ ଏକାଦଶୀ ତିଥି ଖାତ୍ରାଦ୍ ଇତିଥିନୁ ସାଧବ ପାଚ୍‌କିସ ଗାଡ୍‌ଡାସ୍ ତାଘଂାୟଛଲିନୁ କରମ୍‌ସାନି କରମ୍‌ରାଜାସିନ୍ ପୂଜାକାମଛସ୍ । ଜାତିବନ୍ଧୁ ସହିମିତାନ୍ ଆସ୍‌ପାସ୍ ଜାମାରିନ୍ ନିମନ୍ତ୍ରଣ କାମାକରି କାମ୍ ଛସ୍ । ହେଲୁଢ଼ୋଲ ମୃଦୃମ ବାଜାଗାଜା ନାଲ୍‌ନାପାଡ୍‌ନାନୁ ମାତ୍ରାରକେରାର୍ । ଇବେଡ଼ାନୁ ସାଧବ ହାଦ୍ଦୁଜାମାର୍ ବଣିଜ୍‌କାର୍ ବାର୍ ମୁଞ୍ଜିକରି ସମ୍ଭୁଦୁର ଖାଣ୍ଡିଲାଗ୍ୟାର, ଲେକିନ୍ ତାମ୍‌ହେଁ ମୁକ୍କାର୍ ତାମାନ୍ ବାନ୍ଦାପନା ପାରଘାହୁଆଗେ ସମ୍ଭୁଦୁର୍ ଖାଣ୍ଡିଗେ ମାବାର୍‌ଛର ।



ଗୋଟିଏ ଗାଆଁରେ ସାଧବ ବୁଢ଼ାବୁଢ଼ୀ ଥିଲେ । ତାଙ୍କର ସାତୋଟି ପୁଅ ଓ ସାତୋଟି ବୋହୂ ଥିଲେ । ସେହି ସାଧବ ବୁଢ଼ାର ଅଚଳାଚଳ ସମ୍ପତ୍ତି ଥିଲା । ସାଧବ ବୁଢ଼ା ତାର ପୁଅ ବୋହୂଙ୍କୁ ନେଇ ସୁଖରେ ସଂସାର କରୁଥିଲା । ସାଧବ ବୁଢ଼ାଟି ତାର ସାତପୁଅକୁ ବେପାର ବଣିଜ କରିବାପାଇଁ ବିଦେଶକୁ ପଠାଇଲା । ତାପରେ ସାଧବବୁଢ଼ା ତାର ବୋହୂ ମାନଙ୍କ ସହ ସୁଖରେ ରହୁଥିଲା । ଏହାପରେ କେତେଦିନ ବିତିଗଲା । ଭାଦ୍ରବ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥି ପଡ଼ିଲା । ଏହି ତିଥିରେ ସାଧବବୁଢ଼ା କରମା ଡ଼ାଳ ଖଣ୍ଡେ ଆଣି ତାର ଦୁଆରେ ଡ଼ାଳପୋତି କରମରାଣୀ କରମରଜାଙ୍କୁ ପୂଜା କଲା । ବନ୍ଧୁବାନ୍ଧବ, ସଙ୍ଗାତ ମଇତର, ସାଇପଡ଼ିଶା ସମସ୍ତଙ୍କୁ ନିମନ୍ତ୍ରଣ କରି ପୂଜା ଦେଲା । ମାଦଳ, ମୃଦଙ୍ଗ, ଢୋଲବାଦ୍ୟ ନୃତ୍ୟସଙ୍ଗୀତ ସହିତ ସମସ୍ତେ ନାଚଗୀତରେ ମାତିଗଲେ । ଏହି ସମୟରେ ସାଧବ ପୁଅମାନେ ବଣିଜ କାରବାର ସାରି ଫେରିଆସି ସମୁଦ୍ର କୂଳରେ ଲାଗିଲେ, କିନ୍ତୁ ତାଙ୍କର ସ୍ତ୍ରୀ ମାନେ ସେମାନଙ୍କୁ ବନ୍ଦାପନା କରି ପାଛୋଟି ନେବାପାଇଁ ସମୁଦ୍ରକୂଳକୁ ଆସିଲେ ନାହିଁ ।

**ଆଦ୍‌ଗେ ଲାଗାନ୍ ବାଡ଼୍‌କାଭାଇସ୍ ବାଧ ମାନିକିରି ସର୍ବାସାନ୍ନିକୁକ୍‌ସିନ୍ ଏନ୍ଦେର୍ ମାଞ୍ଜାବୁଲି ବୁଝାବାରାଗେ ତାୟାସ୍, ଲେକିନ୍ ତାଘଂାୟ ସାନ୍ନିଭାଇସ୍‌ଭି କେରାସ୍ ତାମ୍ଧା ସାଙ୍ଗେନ୍ ନାଲ୍‌ନାପାଡ୍‌ନାନୁ ମାତ୍ରାସ୍‌କେରାସ୍ ।**

**ଆନ୍ତିନ୍ ବାଡ଼୍‌କାଭାଇସ ତାଘଂାୟ ସାନ୍ନିଗୁଠିଆରିନ୍ ଏନ୍ଦେର ମାଞ୍ଜାବୁଲି ବୁଝ୍ରାରା ବାରାଗେ ଅଣ୍ଟାଅଣ୍ଟାକରି ତାୟାସ୍, ଲେକିନ୍ ତାମ୍‌ହେଁ ଉଲ୍‌ତିନ୍ ନେଭିମାକିରିଆର । ଆନ୍ତିନ୍ ବାଡ଼୍‌କାଭାଇସ୍ ବାଧମାଞ୍ଜ୍‌କି ପାଗେ କେରାସ୍‌ଏରିୟାସ୍‌ଯେ ତାମ୍ଧାସ୍‌ତାଙ୍ଗିୟଭାଇ ହେଡ଼୍ ପାଢ଼ାପାଟି ବନ୍ଦୁବାନ୍ଧବଜାମାର୍ ନାଲ୍‌ନାପାଡ଼୍‌ନାନୁ ମାତ୍ରାକାନାୟ୍ ।**

ତେଣୁ ବଡ଼ ଭାଇ ବାଧ ହୋଇ ତାର ସବା ସାନଭାଇକୁ କ'ଣ ହେଲା ବୋଲି ଖବର ବୁଝିଆସିବା ପାଇଁ ପଠାଇଲା, କିନ୍ତୁ ସାନଭାଇ ଯାଇ ସେମାନଙ୍କ ସହିତ ନାଚଗୀତରେ ମାତିଗଲା । ତା'ପରେ ବଡ଼ଭାଇ ତାର ସାନଭାଇ ମାନଙ୍କୁ କ'ଣ ହେଲା ବୋଲି ଖବର ବୁଝି ଆସିବାପାଇଁ ଗୋଟି ଗୋଟି କରି ପଠାଇଲା, କିନ୍ତୁ ସେମାନଙ୍କ ମଧ୍ୟରୁ କେହିହେଲେ ମଧ ଫେରିଲେ ନାହିଁ । ତା'ପରେ ବଡ଼ଭାଇ ବାଧ ହୋଇ ନିଜେ ଘରକୁ ଯାଇ ଦେଖିଲା ଯେ ତାର ବାପା, ମାଆ, ଭାଇ ବୋହୂ, ସାଇପଡ଼ିଶା, ବନ୍ଧୁବାନ୍ଧବ ସମସ୍ତେ କରମା ନାଚରେ ମାତିଛନ୍ତି ।



**ସାଧବ ପାଚ୍‌କିସ ବାଡ୍‌ଖାହାଦ୍ଦୁ ତାଘଂାୟ ଭାଇବହ ଯାମାରିନ୍ ଅନୁରୋଧ କାମ୍‌ଥସ୍‌ଯେ, ସାଧବ ସାତଭ୍‌ୟାରିନ୍ ବନ୍ଦାବନାକାମାକରି ସମୁନ୍ଦରଖାଣ୍ଡିନ୍ତି ଏଡ଼୍‌ପା ଅନ୍ଦ୍ରାଗେ ଲେକିନ୍ ନେଧି୍ ହାଲେ ତାଘଂାୟ କାତ୍‌ଥାନମାମେଞ୍ଜାର୍ । ଆଦ୍‌ଗେଲାଗାନ୍ ସାଧବ ପାଚକି କହାହାଦୁସ୍ ଖି୍ସରାରାଝସ ଆରୁ କାର୍ମାଡ଼ାଡ଼ା ଆରୁ ପୂଜା ଆସ୍ଥାନବନ୍ ଏସ୍‌ସାଆଛିଝସ୍ । ହତ୍‌କାନୁ କାର୍‌ମାନାଲ୍‌ନାବନ୍ଦ ମାଞ୍ଜା କେରା । ଏତକ୍‌ନୁ ସାଧବ ପାଚ୍ଚପାଚ୍‌କି ଡ଼ିହିପାଦ୍ଧା, ବନ୍ଧୁବାନ୍ଧବ ହୁରର୍ମିଆଲାଗି ଦୁଖମାଞ୍ଜା । କହାକୁକ୍କସଥରକେ ଥର ଅନୁରୋଧ୍ କାମ୍‌କା ପାଛଲି ସାଧବ ହେଡ଼୍‌ଗୁଠିଆର କାଲାକରି ଡ଼ଙ୍ଗା ବନ୍ଦାଣକାମି ସାଧବ ହାଦ୍ଦୁଗୁଠିଆରିନ୍ ଆଡ଼୍‌ପାଗେ ଅନ୍ଦ୍‌ରାର୍ । ସାଧବ ପାଚକିସ ହାଦ୍ଦୁଗୁଠିଆର ଆଘ୍‌ଗ୍ଲିନ୍ତା ଢ଼ଙ୍ଗର ସଂସାରୁ ଝଲରାର୍ । କରମରାଣି କରମ ରଜାସକି ମନ୍‌ନୁ କୁଟଭିଆବାଝର୍ । ସାଧବ ପାଚ୍‌କିସ୍କି ଯେନ୍ ଅଚଲାଚଲ ଧାନୁରାଝ ଆଦିନ ଯାମାଖୟତ୍ ମାଞ୍ଜାକେରା । ତାଘଂାଗାୟୁ ଓୟୁ ଏ-ଡ଼ା ଗୁଠିଦ୍ ଏକାତ୍ରାକେରା ଆୟା ରାଝକେରା । ତାଘଂାୟହାଦୁଗୁଠିଆର ଭି ଏଡ଼୍‌ପାଗେ ମାଲ୍ କିର୍‌ରିଆର୍ । ତାଘଂାୟ ଧନ୍‌ସମ୍ପତି ଯାମା ଖୟତ୍ ମାଞ୍ଜାକେରା । ଶେଷ୍‌ନୁ ସାଧବ ପାଚ୍‌ଚପାଚ୍‌କିର୍ ଅନାଗେ ମଧ ମାହାଖିଆର୍ । ସାଧବ ପାଚ୍ଚପାଚ୍‌କିର୍ ଭାବଝର୍ ଯେ ନାମ୍ କଷ୍ଟ ଏନ୍ଦେଗେହାଖାଲ୍‌ଦାମ୍ । ଏମାଗେ କରମ ରାଣି କରମରାଜାସ୍କି କୁଟ ମାଞ୍ଜା ବୋଲି ଏମ୍ବାୟଏନେ କଷ୍ଟମାଞ୍ଜା ବୁଲିଆର ଆହା ଆଙ୍ଗିଆର ।**

ସାଧବବୁଢ଼ାର ବଡ଼ପୁଅ ତାର ଭାଇବୋହୂ ମାନଙ୍କୁ ଅନୁରୋଧ କଲା ସାଧବ ସାତଭାଇଙ୍କୁ ବନ୍ଦାପନା କରି ସମୁଦ୍ରକୂଳରୁ ଘରକୁ ଆଣିବାପାଇଁ, କିନ୍ତୁ କେହି ହେଲେ ମଧ ତାର କଥାକୁ ଶୁଣିଲେ ନାହିଁ । ତେଣୁ ସାଧବ ବୁଢ଼ାର ବଡ଼ପୁଅ ରାଗିକରି କରମାଡ଼ାଳ ଓ ପୂଜା ଆସ୍ଥାନକୁ ଭାଙ୍ଗିକରି ଫିଙ୍ଗିଦେଲା । ଏତିକିରେ କରମା ନାଚ ବନ୍ଦ ହୋଇଗଲା । ଏଥିରେ ସାଧବ ବୁଢ଼ାବୁଢୀ, ସାଇପଡ଼ିଶା, ବନ୍ଧୁବାନ୍ଧବ ଇତ୍ୟାଦି ସମସ୍ତଙ୍କ ମନରେ ଅଶାନ୍ତି ଆସିଲା । ବଡ଼ପୁଅ ବାରମ୍ବାର ଅନୁରୋଧ କଲାପରେ ସାଧବବୋହୁମାନେ ଯାଇ ବୋଇତ ବନ୍ଦାଣ କରି ସାଧବ ପୁଅ ମାନଙ୍କୁ ଘରକୁ ଆଣିଲେ । ସାଧବ ବୁଢ଼ାର ପୁଅମାନେ ପୂର୍ବପରି ସଂସାରରେ ଚଳିଲେ । କରମରାଣୀ କରମରଜାଙ୍କର ମନରେ ଅଶାନ୍ତି ହେବାରୁ କୂଟ ଭିଆଇଲେ । ସାଧବବୁଢ଼ାର ଯେଉଁ ଅଚଳାଚଳ ସମ୍ପତ୍ତି ଥିଲା ତାହା ସବୁ ନଷ୍ଟ ହୋଇଗଲା । ତାର ଗାଈ, ଛେଳି, ମେଣ୍ଢା ଇତ୍ୟାଦି ଯେଉଁଆଡେ ଗଲେ ଆଉ ଫେରିଲେନି । ତାର ପୁଅମାନେ ମଧ ଘରକୁ ଫେରିଲେ ନାହିଁ । ତା'ର ଧନ ସମ୍ପତ୍ତି ସବୁ ନଷ୍ଟ ହୋଇଗଲା । ଶେଷରେ ସାଧବବୁଢ଼ା, ବୁଢ଼ୀ ଖାଇବାକୁ ମଧ ପାଇଲେ ନାହିଁ । ସାଧବ ବୁଢ଼ା ବୁଢ଼ୀ ଚିନ୍ତାକଲେ ଯେ ଆମେ ଏହି କଷ୍ଟ କାହିଁକି ପାଇଲୁ । ଆମକୁ କରମରାଣୀ କରମରଜାଙ୍କର କୂଟହେବାରୁ ଆମର ଏହି ଦୁର୍ଦ୍ଦଶା ହେଲାବୋଲି ସେମାନେ ଜାଣିପାରିଲେ ।

ଆନନ୍ତିନ୍ ସାଧବପାଇଦ୍ ପାଚ୍‌କିସିନ୍ କରମ-ସାନି କରମରାଜା ସେ ଋହାଗେ ସାନ୍ ଦୁଖୁଃନ୍ ଯାଣାବାଗେ ପାଚକିସିନତାୟାଦ୍ । ଏଡ଼ପାନୁ କିଛି ମାଲ୍ଲାରୁ ବୋଲିକରି ପାର୍ବଦଅଣ୍ଡା ଗାମୁଛାନୁ ଆଦାରକୁଣ୍ଡ ଗାଠିଆଋଦ ପାଚକିସ୍‌ଛୋ କରମସାନି କରମରାଜା ଗେଋହାନୁତାଘଂାୟ ଦୁଖଦୁରଦ୍‌ସାକାଥାନ୍ ଜାଣାବାଗେତାୟାଦ୍ । ପାଚ କିସ ଏଡ଼ପାନ୍ତି ଉର୍‌ଖାସ୍‌ଆରୁ ବାଣିହାଁଗେଛା କେରାସ୍ । କେରକାନ୍ତି କିଡାଲାଗିଆ । ଆଦଘିଲାଗାନ୍ ଆସ୍ ଭାବ୍‌ଚଋସ୍ ଯେ ନେଖା ଆଡ଼ପାକାଇକରି ତାଘଂାୟ ଢ଼ିଙ୍ଗିନୁ ଆଦାରକୁଣ୍ଡ ହଁସାକରି ତିହିଲା ଗୁଣ୍ଡାନ୍ ବିତନ୍ ଅନନ୍ । ଇଦିନ୍ ବିଋରକାମାକରି ଆସ୍ ଅଣ୍ଟାକି ଏଡ଼୍‌ପା କାଲାକରି ମାଇକିନିୟାନ୍ ତାମ୍ବାୟ ଢ଼ିଙ୍କିଦ୍ ଏସାନ୍ ଆତ୍‌ଲିଦ୍‌ବୁଲି ମେଞ୍ଜାସ୍ । ଆମାଇକିନିୟା ତେଙ୍କିଆଯେ ଢ଼ିଙ୍କିନୁ ଏନ୍ଦେନି ଚୁଞ୍ଜୀର ଢ଼ିଙ୍କି ଏଘେଂଏହୁନ୍‌କୁଟି । ଇକାତ୍‌ଥାନ୍ ମେନାକରି ସାଧବ ପାଚକିସ୍ ନିରାସ ମାନିକରି ତାମ୍‌ହେଁ ଆଡ଼ପାନ୍ତିଉରଖାସ୍ ବାକେନ୍ ଆମାଇ କିନିୟାଦ୍ ସାଧବ ପାଚ୍‌କିସିନମେଞ୍ଜାଦ ।



ତା'ପରେ ସାଧବବୁଢ଼ୀ ସାଧବବୁଢ଼ାକୁ କରମରାଣୀ କରମରଜାଙ୍କର ପାଖକୁ ଯାଇ ଗୁହାରି ଜଣାଇବାକୁ ପଠାଇଲା । ଘରେ କିଛି ନଥିବାରୁ ବୁଢ଼ୀ ଗୋଟିଏ ଗାମୁଛାରେ ଖୁଦ ଅଧୁଳେ ଗଣ୍ଠିମାରି ବୁଢ଼ାକୁ କରମରାଣୀ କରମରଜାଙ୍କର ପାଖକୁ ତାଙ୍କର ଦୁଃଖ ଦୁର୍ଦ୍ଦଶା କଥା ଜଣାଇବାକୁ ପଠାଇଲା । ବୁଢ଼ା ଘରୁ ବାହାରି ବହୁତ ରାସ୍ତା ଯିବା ପରେ ତାକୁ ଭୋକ କଲା । ତେଣୁ ସେ ଚିନ୍ତାକଲା ଯେ କାହାଘରକୁ ଯାଇ ତା ଢେଙ୍କିରେ ସେହି ଖୁଦକୁ ଚୂନା କରି ଋଉଳଗୁଣ୍ଡକୁ ରାନ୍ଧି ଖାଇବ । ଏହା ବିଋରକରି ସେ ଜଣଙ୍କର ଘରକୁ ଯାଇ ଗୋଟିଏ ସ୍ତ୍ରୀ ଲୋକକୁ ତାଙ୍କର ଢ଼େଙ୍କି କେଉଁଠାରେ ଅଛି ବୋଲି ପଋରିଲା । ସେହି ସ୍ତ୍ରୀ ଲୋକଟି କହିଲା ଯେ ଆମ ଢ଼େଙ୍କିରେ କଣ ତୁମେ ଖୁଦ କୁଟିବ ଆମର ଢ଼େଙ୍କିଟି ସବୁବେଳେ ମୋର ଛାତିରେ କୁଟି ହେଉଛି । ଏ କଥା ଶୁଣି ସାଧବବୁଢ଼ା ନିରାଶ ହୋଇ ତାଙ୍କ ଘରୁ ବାହାରିବା ବେଳେ ସେହି ସ୍ତ୍ରୀ ଲୋକଟି ସାଧବବୁଢ଼ାକୁ ପଋରିଲା

ମାସାନିମ୍ ଏକାତାରା ଉର୍କାଦାର୍ । ସାଧବ ପାଚକିସ୍ ତେଙ୍ଗିଆସ୍ଯେ, ଏନ୍ କରମରାଣି କରମରଜାସାନ୍‌ଗେ ଏଘେଂ ଗୁହାରି ଜାଣାବାଗେ କାଲ୍ଦାନ୍ । ଆନ୍ତିନ୍ ଆମାଇକିନିୟାଦ୍ ସାଧବ ପାଚ୍‌କିସିନ୍ ଅନୁରୋଧକାମ୍ଚଦ୍ କରମ ସାନି କରମ ରାଜାସିନ୍ ତାଘେଂ ଦୁଖୁଃ ବାତାବାଚିୟାଗେ । ସାଧବ ପାଚକିସ୍ ଆମାଇକିନିୟାକାଥାନ୍ ଅଣ୍ଟା ଗାଁଠି କାମ୍-ଚସ୍ ଆଉ କେରାସ୍ । କେତଗେଛା କେରକା ପାଛଲି ଆସ୍‌ଭାବଚସ୍ ଆଦାର୍‌କୁଣ୍ଡନ୍ ପାଚ୍ଚାନୁ ଗୁଣ୍ଡାକାମି କରି ତାଙ୍ଗାନ ଆସମାକାମନ୍ ମହନ୍ । ଆସଆନ୍ତିନଅଣ୍ଟା ଆଲାସଗେ ଆଡ଼ପାକାଇ ଅଣ୍ଟା ମୁକ୍କାଭେଟ୍ରାସ୍ ଆରୁ ତାମ୍ବାୟ ପାଚ୍ଚା ଏକାସାନ୍ ଆତିଲିବୁଲିଆମୁକ୍‌କ୍ଲାନ୍ ମେଞ୍ଜାସ୍ । ଆମାଇକିନିୟାଦତେଙ୍ଗିୟାଯେ, ନିମ୍ ଏତାହେଁପାଚ୍ଚାନୁ ତିହିଲାକାସା ପଲ୍‌ଦାର । କାରଣ ପାଚ୍ଚାବଦ୍ ହୁର୍ମିବାକେନ୍ ଏଘଂାୟମେଦୁନ୍ ଖୁନ୍ଦୁରାଲିଦ୍ । ଆନ୍ତିନ ପାଚ୍‌କିସ୍ ଆଲାଡ଼ପାନ୍ତି ହାଲେ ନିରାଶ ମାଞ୍ଜାସ୍‌ଉରଖାସ୍, ଆଙ୍ଗେନ୍ ଆମୁର୍କାଦମେଞ୍ଜାଦମାସାନିମ୍ ଏକାସାନ୍‌ଗେ କାଲଦାର । ପାଚକିସ ତେଙ୍ଗି ଆସ ଏନ୍ କରମରାଣି କରମ ରାଜା ସକି ଚହାଗେ ଏଘେଂ ଦୁଃଖ୍ ଜାଣାବାଗେ କାଲଦାନ୍ । ଆନ୍ତିନ୍ ଆମୁକ୍କାଦ୍‌ପାଚକିସିନ୍ ଅନୁରୋଧକାମଚ କରମରାଣି କରମରାଜାସିନ୍ ତାଘେଂ ଗୁହାରି ଜାଣାବାଗେ । ପାଚକିସ୍ ଇ ମୁକ୍କଗି କାଥାନୁ ଦୁତିୟ ଗାଁଠିନ୍ ହେବଡ଼ିୟାସ । ଆନନ୍ତି ପାଚକିସ ଆରୁ ଉରଖାସ୍ କିଛି ଗେଛା କେର୍‌କାନ୍ତି ମନେମନେଭାବଚାସ ଅଣ୍ଟା ଆଲାସ ଗେ ଏଡ଼ପାନ୍ତି କିଛି ହାଇକା ଆଥାନ୍‌ନିୟନ୍ କାହାଡ଼ି ଅଣ୍ଟାତିୟାର୍‌କାମନ୍ ଆରୁ କାହାଡ଼ିହାପ୍ପନ୍ ।

ମଉସା ତୁମେ କୁଆଡ଼େ ବାହାରିଛ ?" ସାଧବ ବୁଢ଼ା କହିଲା ଯେ ମୁଁ କରମରାଣୀ କରମରଜାଙ୍କର ପାଖକୁ ମୋର ଗୁହାରି ଜଣାଇବାପାଇଁ ଯାଉଛି । ତା'ପରେ ସେହି ସ୍ତ୍ରୀ ଲୋକଟି ସାଧବବୁଢ଼ାକୁ ଅନୁରୋଧ କଲା କରମଣାଣୀ କରମରଜାଙ୍କୁ ତାର ଦୁଃଖ ଜଣେଇଦେବା ପାଇଁ । ସାଧବବୁଢ଼ା ସେହି ସ୍ତ୍ରୀ ଲୋକର କଥାକୁ ଗୋଟିଏ ଗଣ୍ଠି ପକାଇଲା ଓ ପୁଣି ଚାଲିଲା । କିଛି ଦୂର ଗଲାପରେ ସେ ଭାବିଲା ଚାଉଳକୁ ଶିଳରେ ଚୂନା କରି ତାକୁ ପିଠା କରି ଖାଇବ । ସେ ପୁଣି ଜଣେ ଲୋକର ଘରକୁ ଯାଇ ଜଣେ ସ୍ତ୍ରୀ ଲୋକକୁ ଭେଟିଲା ଓ ତାଙ୍କର ଶିଳ କେଉଁଠାରେ ଅଛି ବୋଲି ସ୍ତ୍ରୀ ଲୋକକୁ ପଚାରିଲା । ସ୍ତ୍ରୀ ଲୋକଟି ଉତ୍ତର ଦେଲା ଯେ ତୁମେ ଆମ ଶିଳରେ ଚାଉଳ ବାଟି ପାରିବ ନାହିଁ । କାରଣ ଶିଳଟି ସବୁବେଳେ ମୋ ପିଠିରେ ଲଦି ହେଉଛି । ତା'ପରେ ବୁଢ଼ା ସେହି ଘରୁ ମଧ୍ୟ ନିରାଶ ହୋଇ ବାହାରିବା ବେଳେ ସେହି ସ୍ତ୍ରୀ ଲୋକଟି ପଚାରିଲା ମଉସା ତୁମେ କେଉଁଠାକୁ ଯାଉଛ । ବୁଢ଼ା କହିଲା ମୁଁ କରମରାଣୀ କରମରଜାଙ୍କର ପାଖକୁ ମୋର ଦୁଃଖ ଜଣାଇବା ପାଇଁ ଯାଉଛି । ତା'ପରେ ସେହି ସ୍ତ୍ରୀ ଲୋକଟି ବୁଢ଼ାକୁ ଅନୁରୋଧ କଲା କରମରାଣୀ କରମରଜାଙ୍କୁ ତାର ଗୁହାରି ଜଣାଇବା ପାଇଁ । ବୁଢ଼ା ଏହି ସ୍ତ୍ରୀ ଲୋକର କଥାକୁ ଦ୍ୱିତୀୟ ଗଣ୍ଠି ପକାଇଲା । ତା'ପରେ ବୁଢ଼ା ପୁଣି ବାହାରି କିଛି ଦୂର ଗଲାପରେ ମନେ ମନେ ଭାବିଲା ଜଣେ ଲୋକର ଘରୁ କିଛି ଶୁଖିଲା ପତ୍ର ମାଗିଲେ କାହାଲୀ ଗୋଟିଏ ତିଆରି କରିବ ଓ କାହାଲୀ ପିଇବ,

ଆଉଦେଶ୍‌ନୁ ଅଣ୍ଟା ଆଲାସେ ଆଡ଼୍‌ପା କାଇ ଅଣ୍ଟାମାଇକିନିୟାନ୍ କିଛି ହାଏକା ଆଥାନିଋଶ୍ ଲେକିନ୍ ଆମୁକ୍କାଦପାଚ୍‌କିସିନତେଙ୍ଗିଆ ଏନନିଙ୍ଗାଗେ ଏନ୍ଦେର ଆଆଟିୟନ୍ ମାସା ଆଥାଟୁପାଦ୍ ହୁର୍ମି ବାକେନ୍ ଏଙ୍ଘେଂ ମେଦୁନୁ ଲାଦିର୍‌କିଚି । ଆନ୍ତି ସାଧବ ପାଚ୍‌କିସ୍ ଆ ଆଡ଼ପାନ୍ତିମଧ ନିରାଶ ମାଞ୍ଚାସ୍ କିରାବୁଙ୍ଗାଲିଆସବାକେନ୍ ଆମୁକ୍‌କା ପାଚକିସ୍ କରମ ରାଣି କରମ ରାଜାକିଋହାଗେ ଗୁହାରିକାମାଗେ କାନାକାତଥାନ୍ ଆହିକରି ତାଙ୍ଗାନ୍ ତାଙ୍ଘେଂ ଗୁହାରି ଜାଣାବାଗେ ଅନୁରୋଧ କାମଞ୍ଜାଦ୍ । ସାଧବ ପାଚକିସ ଆମୁକ୍କାଗିକାତ୍‌ଥାଗିଲାଗାନ୍ ତୃତିୟ ଗାଁଠି ଚିଋସ୍




ଏହି ଲକ୍ଷ୍ୟରେ ଜଣେ ଲୋକର ଘରକୁ ଯାଇ ଗୋଟିଏ ସ୍ତ୍ରୀ ଲୋକକୁ କିଛି ଶୁଖିଲା ପତ୍ର ମାଗିଲା, କିନ୍ତୁ ସେହି ସ୍ତ୍ରୀ ଲୋକଟି ବୁଢ଼ାକୁ କହିଲା ମୁଁ ତୁମକୁ କ'ଣ ପତ୍ର ଦେବି ମଉସା ପତ୍ରଟୋପା ତ ସବୁବେଳେ ମୋର ପିଠିରେ ଲଦି ହେଉଛି । ତା'ପରେ ସାଧବ ବୁଢ଼ା ସେହି ଘରୁ ମଧ ନିରାଶ ହୋଇ ଫେରିଯାଉଥିବାବେଳେ ସେହି ସ୍ତ୍ରୀ ଲୋକଟି ବୁଢ଼ା କରମରାଣୀ  କରମରଜାଙ୍କର ପାଖକୁ ଗୁହାରି ଜଣାଇବା ପାଇଁ ଯାଉଥିବା କଥା ଜାଣିପାରି ତାକୁ ମଧ ତାର ଗୁହାରି ଜଣାଇବା ପାଇଁ ଅନୁରୋଧ କଲା । ସାଧବବୁଢ଼ା ସେହି ସ୍ତ୍ରୀ ଲୋକର କଥାକୁ ତୃତୀୟ ଗଣ୍ଠି ପକାଇଲା ।

**ଆନ୍ତିନ୍ ସାଧବ ପାଚ୍‌କିସ୍ ନିୟଁ ଗେଚ୍ଛା କେର୍‌କା ପାଛ୍‌ଲି ପାବୁନୁ ଅଣ୍ଟାହାର୍‌ବୁ ଖାତ୍ତ୍ରାଦ, ଆସାନ୍ ହେନାଆଥାଚଖ୍‌ଖାସ୍ ଆରୁ-କାହାଡ଼ିକାମ୍‌ଝସ୍ । କାହାଡ଼ିନୁଚିଛୁ ଲାଗାବାଗେ ଝହାନ୍ତାଡ଼ିହିଗେକାଇ ଅଣ୍ଟାଆଡ଼ପାନ୍ତା ମୁକକାନ୍ ଚିଛୁନିଝସ୍ । ଆମୁକ୍‌କା ତେଙ୍ଗିୟାଏନ୍ ନିଙ୍ଗାଗେଏନ୍ଦେର ଚିଚୁଚିୟନମାସା ଏଙ୍ଗ୍‌ନାତ୍‌ତିସ୍ ସବୁବାକେନ୍ ଚିଚୁନୁ ହୁହୁ ଜାଲରାଲ୍‌ଦାସ୍ । ଆନନ୍ତିନ ସାଧବ ପାଚକିସ୍ ନିରାଶମାନିବୁଙ୍ଗାଲିଆସ ଇସାମିୟାଁନୁ ମୁକକା ମେନିକରି ଆଖ୍‌ଖା ଯେ କରମରାଣି କରମ ରାଜାସ୍କି ଝହାନୁ ଦୁଃଖଜାଣାବାଗେ କାଲ୍‌ଦାସ୍ । ଆନ୍ତି ଆମାଇକିନିୟା ସାଧବ୍‌ପାଚକିସିନ୍ ଅନୁରୋଧକାମଝଯେ ତାଘେଂ ଗୁହାରିନ୍ ଜାଣାବାକେ । ପାଚକିସ୍ କାଆନୁ ଚତୁର୍ଥ ଗାଁଠିଚିଝସ । ଆନ୍ତିନ୍‌ସାଧବ ପାଚ୍‌କିସ୍ ଫେରଉର୍‌ଖାସ୍ । କେତେ ଗେଚ୍ଛାକେର୍‌କାନ୍ତି ଆସଅଣ୍ଟା ପଖାରୀ ଏରିୟାସ୍ । ଆସାନ୍ ଆମ୍ମୁ ହାପ୍‌ସ୍ବାଗେ କେରାସ୍ । ଆପଖାରୀନ୍ତା ଜାଗୁଆକୁକ୍ସସ୍ ତାଙ୍ଗାନ୍ ଆମ୍ମୁହାପାଗେମାନାକାମଝସ୍, ତେଙ୍ଗିଆସ୍ ମାସା ଇପଖାରୀନ୍ତୁ ପୋକସଲବଲରାଲିଦ୍ ।**

ତା'ପରେ ସାଧବବୁଢ଼ା କିଛି ଦୂର ଗଲାପରେ ବାଟରେ ଗୋଟିଏ ଜଙ୍ଗଲ ପଡ଼ିବାରୁ କିଛି କଞ୍ଚା ପତ୍ର ତୋଳି କାହାଳୀ ଗୋଟିଏ ତିଆରି କଲା ଓ କାହାଳୀରେ ନିଆଁ ଲଗାଇବା ପାଇଁ ପାଖ ଗାଁକୁ ଯାଇ ଗୋଟିଏ ଘରୁ ସ୍ତ୍ରୀ ଲୋକକୁ ନିଆଁ ମାଗିଲା । ସେହି ସ୍ତ୍ରୀ ଲୋକଟି କହିଲା ମୁଁ ତୁମକୁ କ'ଣ ନିଆଁ ଦେବି ମଉସା ମୋର ନାତିଟା ସବୁବେଳେ ନିଆଁରେ ହୁ ହୁ ଜଳୁଛି । ତା'ପରେ ସାଧବବୁଢ଼ା ନିରାଶ ହୋଇ ବାହାରିବା ସମୟରେ ସ୍ତ୍ରୀ ଲୋକଟି ପଚାରି ଜାଣିଲା ଯେ ମୁଁ କରମରାଣୀ କରମରଜାଙ୍କର ପାଖକୁ ଦୁଃଖ ଜଣାଇବା ପାଇଁ ଯାଉଛି । ତା'ପରେ ସେହି ସ୍ତ୍ରୀ ଲୋକଟି ସାଧବବୁଢ଼ାକୁ ଅନୁରୋଧ କଲା ଯେ ତା'ର ଗୁହାରି ଜଣାଇଦେବାପାଇଁ । ବୁଢ଼ା ସେହି ସ୍ତ୍ରୀ ଲୋକର କଥାଟି ଚତୁର୍ଥ ଗଣ୍ଠି ପକାଇଲା । ତା'ପରେ ସାଧବବୁଢ଼ାଟି ପୁଣି ବାହାରିଲା । କିଛି ଦୂର ଗଲାପରେ ସେ ଗୋଟିଏ ପୋଖରୀ ଦେଖି ସେଇଠି ପାଣି ପିଇବାକୁ ଗଲା ବେଳେ ସେହି ପୋଖରୀରେ ଥିବା ଜଗୁଆଳି ପିଲା ତାକୁ ପାଣି ପିଇବାକୁ ବାରଣ କଲା । କହିଲା ମଉସା "ଏ ପୋଖରୀର ପାଣି ପୋକ ସାଲୁବାଲୁ ।"

**ଆନ୍ତିନ ନିରାଶ ମାଞ୍ଜାସା ଫେରଭରଖାସ୍, ଇବେଢ଼ାନୁ ଆପଖାରୀନ୍ତା ଜାଗୁଆଲ୍‌କୁକ୍କସ୍ ସାଧବ ପାଚ୍‌କିସିନ୍ ଅନୁରେଧକାମଝସ୍, କରମ ରାଣୀ କରମ ରାଜାସିନ୍ ତାଙ୍ଗାୟଦୁଃଖ୍ ଜାଣାବାଗେ ପାଚକିସ୍ ଇଦଗି ପରେ ପଞ୍ଚମଗାଁଣ୍ଡିଚିଝସ୍ । ଆନ୍ତିନ୍‌ସାଧବପାଚ୍‌କିସ ଫେରଭରଖାସ୍ । କିଛି ଗେଛା କେର୍‌କାନ୍ତି ଅଣ୍ଟା ଟାଠାବାରାୟଏରିୟାସ୍ ଆରୁ ଟାଠାମହାଗେଉରଖାସବାକେନ୍ ଜାଗୁଆଲିମାନାନାଞ୍ଜାସ୍ । ତେଙ୍ଗିୟାସ୍ ଟାଠାନିନଏନ୍ଦେମହଁୟ ମାସ ଯେତେ ଟାଠାତାପୋକ୍ ସଲବଲରାଲିଆଦ୍ ।**



ତା'ପରେ ବୁଢ଼ା ନିରାଶ ହୋଇ ପୁଣି ବାହାରିଲା । ଏହି ସମୟରେ ସେହି ପୋଖରୀ ଜଗୁଆଳ ପିଲା ସାଧବବୁଢ଼ାକୁ ଅନୁରୋଧ କଲା କରମରାଣୀ କରମରଜାଙ୍କୁ ତା'ର ଦୁଃଖ ଜଣାଇବା ପାଇଁ । ବୁଢ଼ା ଏହାପରେ ପଞ୍ଚମ ଗଣ୍ଡି ପକାଇଲା । ତା'ପରେ ସାଧବବୁଢ଼ା ପୁଣି ବାହାରିଲା । କିଛି ଦୂର ଗଲାପରେ ଗୋଟିଏ ଆମ୍ବତୋଟା ଦେଖି ଆଉ ଆମ୍ବ ଖାଇବା ପାଇଁ ବାହାରିବା ବେଳେ ଜଗୁଆଳି ତାକୁ ବାରଣ କଲା । କହିଲା ଆମ୍ବ ତୁମେ କ'ଣ ଖାଇବା ମଉସା ସବୁତକ ଆମ୍ବ ପୋକ ସାଲୁବାଲୁ ।

**ଆନ୍ତିନ୍ ପାଚକିସ୍ ଆସାନ୍ଭି ନିରାସମାଞ୍ଜାସଉଖାଲିୟାସବାକେନ୍ ଜାଗୁଆଲିକୁକ୍କସ୍ସାଧବପାଚକିସ୍ କରମରାଣୀକରମରାଜାକିଋହାନୁ ଦୁଃଖ ଜାଣାବାଗେ କାନାକାଥାନ୍ ଆହିକରି ତାଙ୍ଗାୟ ଗୁହାରୀ ମଧ୍ ଜାଣାବାଗେ ପାଚକିସିନ ଗୁହାର୍କାମ୍ଋସ୍ । ପାଚକି କାଥାନୁ ସଷ୍ଟ ଗାଁଠିଚିଋସ୍ । ଆନ୍ତିନ୍ଫେର ଉରଖାସ୍ । କିଟିଗେଛା କେର୍କାନ୍ତି ଆସ୍ ଅଣ୍ଟା ଗାଇଗୋଠନୁ ନିଅଁଟା ଗାଇୟମେନ୍ନାନ୍ ଏରିଆସ୍ । ପାଚକିସ୍ ଗଉଡ଼କୁକ୍କସିନ୍ ତେଙ୍ଗିୟାଯେ ଏନ୍ କରମରାଣୀକରମରାଜାସି ଋହାନୁ ଏଘେଂ ଗୁହାରୀ ଜାଣାବାଗେବାଲ୍ଦାନ୍ । ନିମ୍ଜଦି ଏଙ୍ଗାଗୁରସ୍ଟିକେ, ଚିଅୟ ହାଲେ ଏନ୍ କରମରାଣୀକରମରାଜାଗେ ଲାଗାବାଋକାରନ୍ନେ ।**



ଏହାପରେ ବୁଢ଼ା ସେଠାରୁ ମଧ୍ୟ ନିରାଶ ହୋଇ ବାହାରୁଥିବା ବେଳେ ଜଗୁଆଳ ପିଲା ସାଧବବୁଢ଼ା କରମରାଣୀ କରମରଜାଙ୍କର ପାଖକୁ ଦୁଃଖ ଜଣାଇବାକୁ ଯାଉଥିବାର କଥା ଜାଣି ପାରି ତାର ଗୁହାରି ମଧ୍ୟ ଜଣାଇବା ପାଇଁ ବୁଢ଼ାକୁ ଅନୁରୋଧ କଲା । ବୁଢ଼ା ସେ ପିଲାର କଥାକୁ ଷଷ୍ଟ ଗଣ୍ଠି ପକାଇଲା । ତା'ପରେ ପୁଣି ବାହାରିଲା । କିଛି ଦୂର ଗଲାପରେ ସେ ଗୋଟିଏ ଗାଇ ଗୋଠରେ କେତେ ଗୁଡ଼ିଏ ଗାଇ ଚରୁଥିବାର ଦେଖିଲା । ବୁଢ଼ା ସେ ଗଉଡ଼ ପିଲାକୁ କହିଲା ଯେ ମୁଁ କରମରାଣୀ କରମରଜାଙ୍କର ପାଖକୁ ମୋର ଗୁହାରି ଜଣାଇବା ପାଇଁ ଯାଉଛି । ତୁ ଯଦି ମୋତେ କ୍ଷୀର ଟିକେ ଦେବୁ ତାହେଲେ ମୁଁ କରମରାଣୀ କରମରଜାଙ୍କର ପାଖରେ ଭୋଗ ଲଗାଇଥାନ୍ତି ।

ସାଧବ ପାଟକିସ୍ ଗେ କାଥାମେନ୍‌କି ଆଗାଉଡ଼୍‌କୁକ୍କସ୍ ଡେଙ୍ଗିଆସ୍ ଏନ୍‌ନିଙ୍ଗାଗୁରସ୍ ଏନ୍ଦେରଚିଅନ୍ ମାସା ଜାମଗାୟୁଗି ଚିରନୁ ଗୁରୁସ୍‌ବାଦାଲା ଖାଲି ହେଁସୁ ଉରଖାଲିଦ୍ । ନିନ୍ କରମରାଣୀକରମରାଜାଗ ଓହାନୁ କେର୍‌କୁନ୍ ଏଘେଂଦଃଖୁ କାଥାନ୍ ଜାଣାବାକେଟିକେ । ସାଧବପାଟକିସ୍ ଆଗାଉଡ଼୍‌କୁକ୍କସିକିକାଥା ସପ୍ତମ ଗାଁଠି ଚିଓସ୍ ଆରୁ ନିରାସମାନିକିରି ଉରଖାସ୍ । ଢ଼େରଦୁଖଃକଷ୍ଟ ସାହିକରି ବହୁତ ଗେଛା କେରକାନ୍ତି ଆସ୍ ଗଙ୍ଗାସମୁଦ୍ର ଖାଁଡିଗେ ଆଣସିଆସ୍ । ଆନ୍ତିନଆସ୍‌ଏରିୟାସ୍‌ଯେ କରମରାଣୀକରମରାଜାସି ମାଝା ସମ୍‌ଦୁରନୁ ଭାସ୍‌ରାଲ୍‌ନାଏଁ । ଆନ୍ତିନ ସାଧବ ପାଟକିସ୍ ବହୁତ ଅନୁରୋଧକାଞ୍ଜାସ୍ ଖାଁଡ଼ିନୁଲାଗାଗେ ଶେଶେ କରମରାଣୀକରମରାଜା ଖାଁଡ଼ିନୁଲାଗିଆର, ଆନ୍ତିନ୍ ସାଧବ ପାଟକିସ୍ ତାଘେଂ ଦୁଃଖ ଜାଣା ବାଓସ୍ । କରମରାଣୀ କରମରାଜା ସାଧାବ ପାଟକିସିନ୍ ଡେଙ୍ଗିଆଯେ ନିମ୍ ଆକ୍କୁନ ଆଡ଼ପାକାଲା ହୁର୍ମି ବର୍ଷ ଭଦୋ ଓନ୍ଦୋ ସୁକ୍ଳପକ୍ଷଏକାଦସିଉଲ୍ଲା ଏଙ୍ଗାନ୍ ପୂଜାକାମ୍‌କେ । ନିନଆଡ଼ପାକାଇଏର୍‌କେଯେ ନିଘେଂ ଆଡ଼ପା ଆଘ୍‌ଘ୍ଲିନ୍ତାଢ଼ଙ୍ଗର୍ ଧନଧାନନିନ୍ଦିକେର୍-କିରଦ୍ । ଆନ୍ତିନ ସାଧବପାଟକିସ୍ ଡେଙ୍ଗିୟାସ୍‌ଯେ ଏନନିମ୍ମା ଓହାଗେ ବାକେନ୍ ଏଙ୍ଗାନସାତଲୋକ ସାତେଟା ଗହାର୍ କାମ୍ କାନାୟ ।

"ସାଧବବୁଢ଼ାର କଥା ଶୁଣି ସେହି ଗଉଡ଼ ପିଲା କହିଲା କ୍ଷୀର ମୁଁ ତୁମକୁ କ'ଣ ଦେବି ମଉସା ସବୁ ଗାଈ ମାନଙ୍କର ଚିରରୁ କ୍ଷୀର ବଦଳରେ କେବଳ ରକ୍ତ ବାହାରୁଚି ।" ତୁମେ କରମରାଣୀ କରମରଜାଙ୍କର ପାଖକୁ ଗଲେ ମୋର ଦୁଃଖ କଥା ମଧ୍ୟ ଜଣାଇଦେବ । ସାଧବବୁଢ଼ା ସେହି ଗଉଡ଼ ପିଲାର କଥାକୁ ସପ୍ତମ ଗଣ୍ଠି ପକାଇଲା ଓ ନିରାଶ ହୋଇ ପୁଣି ବାହାରିଲା । ବହୁ ଦୁଃଖ କଷ୍ଟ ସହି ବହୁ ଦୂରକୁ ଗଲାପରେ ସେ ଗଙ୍ଗା ସମୁଦ୍ର କୂଳରେ ପହଞ୍ଚିଲା । ତା'ପରେ ସେ ପହଞ୍ଚି ଦେଖିଲା ଯେ କରମରାଣୀ କରମରଜା ମଝି ସମୁଦ୍ରରେ ଭାସୁଛନ୍ତି । ତା'ପରେ ସାଧବବୁଢ଼ା ଅତି ବିନୟ ସହକାରେ କୂଳକୁ ଲାଗିବାକୁ ଅନୁରୋଧ କରିବାରୁ ଶେଷରେ କରମରାଣୀ କରମରଜା କୂଳରେ ଲାଗିଲେ । ତା'ପରେ ସାଧବବୁଢ଼ା ତା'ର ଦୁଃଖକଥା ଜଣାଇଲା । କରମରାଣୀ କରମରଜା ସାଧବବୁଢ଼ାକୁ କହିଲେ ଯେ ତୁ ବର୍ତ୍ତମାନ ଘରକୁ ଯାଇ ପ୍ରତ୍ୟେକ ବର୍ଷ ଭାଦ୍ରବ ମାସ ଶୁକ୍ଳପକ୍ଷ ଏକାଦଶୀ ଦିନ ମୋର ପୂଜା କରିବୁ, ତୁ ଘରକୁ ଯାଇ ଦେଖିବୁ ଯେ ତୋର ଘର ପୂର୍ବପରି ଧନଧାନ୍ୟରେ ପୂର୍ଣ୍ଣ ହୋଇଯାଇଥିବ । ତା'ପରେ ସାଧବବୁଢ଼ା କହିଲା ଯେ ମୁଁ ତୁମ ପାଖକୁ ଆସିଲାବେଳେ ମୋତେ ସାତ ଜଣ ସାତଟି ଗୁହାରି କରିଛନ୍ତି ।

**ପ୍ରଥମ ଗୁହାରୀ-ଢ଼ିଙ୍କିଦ୍ ମାଇକିନିଆଗି ଏହ୍ନୁନୁ ସବୁବାକେନ ଲାଦିର୍‌କିଚିଦ୍ ।**
**ଦୃତିୟ ଗୁହାରୀ- ଲୁହୁଡ଼ିଦ୍‌ସବୁବାକେନ୍ ଆମୁକ୍‌କାଗିମେଦୁନୁଲାଦିର୍‌କିଚିଦ୍ ।**
**ତୃତୀୟ ଗୁହାରୀ- ଆମୁକ୍କାଗି ମେଦୁନୁ ସବୁବାକେନ୍ ଆଥା ଲାଦିର୍‌କିଚିଦ୍ ।**
**ଚତୁର୍ଥ ଗୁହାରୀ- ଚିଟୁନୁ ଆମୁକକାଗିନାଡିସ୍ ସବୁବାକେନ୍ ଅଲାଲ୍‌ଦାସ୍ ।**
**ପଞ୍ଚମ ଗୁହାରୀ - ଆପଖାରୀନ୍ତାଆମ୍ମୁ ପୋକସଲବଲ ମାଞ୍ଚାକେରକିଚିଦ୍ ।**
**ଷଷ୍ଠ ଗୁହାରୀ - ଆଟାଠାବାରାୟାନ୍ତାଟାଠା ଜାମାଦପୋକ ସଲବଲ ମାଞ୍ଚାକେରକିଚି**
**ସପ୍ତମ ଗୁହାରୀ- ଆଗାୟଗୁଠିନ୍ତା ଜାମା ଗାୟଗି ପାନ୍‌ହାଁନ୍ତି ହେଁସୁଉରଖାଲି ।ଇଦଗିପାଛଲି ସାଧବ ପାଚକିସ କରମରାଣୀକରମରାଜାସିନ୍ ତାମ୍‌ହେଁ ଦୁଃଖ୍ ଖଣ୍ଡନଅନୁରୋଧ କାମଋସ୍ । କରମରାଣୀକରମ୍‌ରାଜା ସାଧବପାଚନିସିନ ତେଙ୍ଗିଆଯେ କାଲଆଆଲାରିନ୍ ଜାଣା ବାକେଚିକେଯେ ଢ଼ିଙ୍କିନୁନେକାନ ଚୁଞ୍ଚାଗେ, ଲୁହୁଡ଼ିତିନେକାନକାସାଗେ, ଆଥାନନେକାଗେଚିନାନ୍, ଚିଚୁନେକାଗେଚିନା, ଗୁରସ୍‌ନେକାଗେ ଚିନା ମାନା ବେଦ୍‌ହି ଆମ୍ମର୍ କାମା ।**

ପ୍ରଥମ ଗୁହାରି ଢ଼େଙ୍କିଟି ସେ ସ୍ତ୍ରୀ ଲୋକର ଛାତିରେ ସବୁବେଳେ କୁଟି ହେଉଛି । ଦ୍ୱିତୀୟ ଗୁହାରି - ଶିଳ ସବୁବେଳେ ସେ ସ୍ତ୍ରୀ ଲୋକର ପିଠିରେ ଲଦି ହେଉଛି ।
ତୃତୀୟ ଗୁହାରି - ପତ୍ର ସେ ସ୍ତ୍ରୀ ଲୋକର ପିଠିରେ ସବୁବେଳେ ଲଦି ହେଉଛି ।
ଚତୁର୍ଥ ଗୁହାରି - ନିଆଁରେ ସେ ସ୍ତ୍ରୀ ଲୋକର ନାଡି ସବୁବେଳେ ପୁଡୁଛି ।
ପଞ୍ଚମ ଗୁହାରି - ସେ ପୋଖରୀର ପାଣି ପୋକ ସାଲୁବାଲୁ ହୋଇଯାଇଛି ।
ଷଷ୍ଠ ଗୁହାରି - ସେ ଆମ୍ବତୋଟାର ଆମ୍ବ ସବୁ ପୋକ ସାଲୁବାଲୁ ହୋଇଯାଇଛି । ସପ୍ତମ ଗୁହାରି - ସେ ଗାଈ ଗୋଠରେ ଥିବା ସମସ୍ତ ଗାଈଙ୍କର ଚିରରୁ କ୍ଷୀର ବଦଳରେ ରକ୍ତ ବାହାରୁଛି । ଏହାପରେ ସାଧବବୁଢ଼ା କରମରାଣୀ କରମରଜାଙ୍କୁ ତାର ଦୁଃଖ ଖଣ୍ଡନ କରିବା ଅନୁରୋଧ କଲା । ତାପରେ କରମରାଣୀ  କରମରଜା ସାଧବ ବୁଢ଼ାକୁ କହିଲେ ଯେ ଯା ସେହି ଲୋକମାନଙ୍କୁ ଜଣାଇଦେବୁ ଯେ ଢ଼ିଙ୍କିରେ କାହାକୁ କୁଟିବାପାଇଁ, ଶିଳରେ କାହାକୁ ବାଟିବା ପାଇଁ, ପତ୍ର କାହାକୁ ଦେବାପାଇଁ, ନିଆଁ କାହାକୁ ଦେବାପାଇଁ,  କ୍ଷୀର କାହାକୁ ଦେବାପାଇଁ ମନା କରିବେ ନାହିଁ,

**କରମ ରାଣି କରମ ରଜା ସାଧବପାଚକିସ୍ ଇସବୁ ଆହି କିରନାପାବୁନୁ ଯାମାରିନ୍ ଜାଣାବାଗେ ତେଙ୍ଗିୟାର । ଇଦଗିପାଛଲି ସାଧବପାଚକିସ ଅଡ଼ପାକାଲାକରି ଏରିୟାସ୍ୟେ ତାଘେଂଆଡ଼ପାନୁ ଆଘ୍ଲିନ୍ତାଲେଖେ ଧନସମ୍ପତି ନିନ୍ଦିୟାକେର୍କିଚି । ଆଉଲ୍ଲାନ୍ଦିନ୍ ହୁମୀବର୍ଷ ଭଦୋରନ୍ଦୋ ଶୁକ୍ଳପକ୍ଷ ଏକାଦଶିଉଲ୍ଲା ତାଘଂାଯ ବନ୍ଦୁବାନ୍ଦବପାଡାପାଟି-ରିନ୍ ମେହିକରି ଜାକ୍ଜମ୍କନୁ କାର୍ମାପରବ ପାଲନକାମରସ୍ ଆରୁ ଆଘ୍ଲି ଢ଼ଙ୍ଗର ସୁଖସାନ୍ତିନୁ ରାରସ୍ ।**

କରମରାଣୀ କରମରଜା ସାଧବବୁଢ଼ାକୁ ଏସବୁ ଜଣାଇ ଫେରିବା ବାଟରେ ସମସ୍ତଙ୍କୁ ଜଣାଇଦେବାପାଇଁ କହିଥିଲେ । ସାଧବ ବୁଢ଼ା ସମସ୍ତଙ୍କୁ ସେଇ କଥା କହିଲା, ଏହାପରେ ସାଧବବୁଢ଼ା ଘରକୁ ଯାଇ ଦେଖିଲା ଯେ ତାର ଘର ପୂର୍ବ ପରି ଧନସମ୍ପତ୍ତିରେ ପୁରିଯାଇଛି । ସେହି ଦିନଠାରୁ ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳପକ୍ଷ ଏକାଦଶୀ ଦିନ ତାର ବନ୍ଧୁବାନ୍ଧବ, ସାହି ପଡ଼ିଶାକୁ ଡ଼ାକି ଆଡ଼ମ୍ବରରେ କରମାପର୍ବ ପାଳନ କଲା ଓ ପୂର୍ବପରି ସୁଖଶାନ୍ତିରେ ରହିଲା ।



# "କାର୍‌ମା ପାରାବ୍" (କିମ୍ବଦନ୍ତୀ)

କାର୍‌ମା, ଧାର୍‌ମା ଦୁଇ ଭାଇ ରାଋର୍ । ତାମ୍‌ହେଁ ଗୁସାନ୍ ପାଏସା ପତର ମା ରାଋଦ୍ । ପାଏସା ପତର କାମା ନାନାଗେ ବିଦେଶ୍ କେରାର୍ । ବିଦେଶ୍‌ନୁ ଦୁଇ ଭାଇର ବହୁତ୍ ପାଇସା ପତର କାମ୍‌ଋର୍ । ଏନ୍‌ହେଁ ତାମ୍‌ହାଏ ଢ଼େର୍ ଉଲ୍ଲା ବିତା ବାଋର୍ । ତାମାଗେ ଆଡ଼ପାନ୍ତା କାଥ୍ଥା ମନେ ଖାତ୍‌ରା । ଆଡ଼୍‌ପା ବାରାଗେ ତାମ୍ ଇଚ୍ଛା କାମ୍‌ଋର୍ । ହାର୍ବୁପାଡ୍‌ଡା ଯୋଡ୍ଡୁନାଲା ପାର୍ ମାଞ୍ଜିକି, ଭଦୋ ଋନ୍ଦୋ ଏକାଦଶୀ ଉଲ୍ଲା ପାଦ୍ଦା ଆଣ୍‌ସିଆର୍ । ହୁ ଉଲ୍ଲା ତାମ୍‌ହାଏ ପାଦ୍ଦାନୁ କାରାମ୍ ପାରାବ୍ ମାନାଲିଆ । ନାମ୍‌ହାଏ ଆଦିବାସୀ ଆଲ୍ଲାର୍‌ଗେ ବିଶ୍ୱାସ୍ ରାଇଯେ ବିଦେଶ୍‌ତି କିର୍‌କୁନୁ ଗାଁ ଦେବୀ ପୂଜା ମାଲ୍ କାମ୍‌ଚୁକୁନୁ ପାଦ୍ଦା ମାଲ୍ କର୍‌ନାର ।



କରମା ଧରମା ଦୁଇ ଭାଇଥିଲେ । ତା' ପାଖରେ ପଇସା ପତ୍ର ନଥିଲା । ପଇସା ପତ୍ର ଅର୍ଜନ କରିବା ପାଇଁ ବିଦେଶ ଗଲେ । ବିଦେଶରେ ସେମାନେ ବହୁତ ଟଙ୍କା ପଇସା ରୋଜଗାର କଲେ । ଏହିପରି ତାଙ୍କୁ ବହୁତ ବର୍ଷ ବିତିଗଲା । ତାଙ୍କ ଘରର କଥା ମନେ ପଡ଼ିଲା । ଘରକୁ ଆସିବା ପାଇଁ ଇଚ୍ଛା କଲେ । ପାହାଡ଼ ପର୍ବତ ନଦୀ ନାଳ ଗାର ହୋଇ ଭଦ୍ରବ ଏକାଦଶୀ ଦିନ ଗାଁକୁ ପହଁଞ୍ଚିଲା । ସେହିଦିନ ତାଙ୍କ ଗ୍ରାମରେ କରମା ପର୍ବ ପାଳନ କରୁଥିଲେ । ଆମ ଆଦିବାସୀ ମାନଙ୍କ ଗୋଟିଏ ବିଶ୍ୱାସ ରହିଅଛି ଯେ ବିଦେଶରୁ ଫେରିଲା ପରେ ଗ୍ରାମଦେବୀଙ୍କୁ ପୂଜା ନ କରି ଗ୍ରାମ ଭିତରକୁ ପଶନ୍ତି ନାହିଁ ।

ତାମ୍ ଆଡ଼ପା ଖବର ଚିଚ୍ଚାର୍ । ତାମହେଁ ଆଡ଼ପାନ୍ତା ଆଲାର୍ ନାଲ୍ନା ଡେଗନାନୁ ରିଝିୟା କେର୍କା ଘର । ହୁଦିଗେ ତାମ୍ହେଁ ଆଡ଼୍ପାନ୍ତା ଆଲାର୍ ପାରଘାଗେ ନେଦ୍ହି ମାଲ୍ କେରାର୍ । ନେଦ୍ହି ମାଲ୍ବାରଘର୍ ହୁଦିଗେ କହାଭାଇ କାର୍ମା ଛଟେ ଭାଇ ଧାର୍ମାସିନ୍ଆଡ଼ପା ତାଇଆସ୍ । ଧାର୍ମାସ୍ ହି ମାଲ୍ ବାର୍ଘସ୍ । ଆନ୍ତିନ୍ କାର୍ମାସ୍ ବାର୍ଘସ୍ ଆଉର୍ ଏରିଆସ୍ ଯେ ନାଲ୍ନା ଡେଗ୍ନାନୁ ରିଝିଆରା ଯେତେର୍ କେର୍କାନାର୍ । ତାଙ୍ଗାଗେ ଖିସ୍ ଲାଗିଆ, ପୂଜା ସାମାନ୍ ଗୁଠିନ୍ ହେବ୍ଡ଼ିଆସ୍ ‘‘ଆଉର୍ କାରାମ୍ ଡାଡ଼ାନ୍ ଘଡ଼ାକୁନ୍ ହେବ୍ଡିଆସ୍ ।’’ ନିଅଁଟା ଉଲ୍ଲା କେରା ଆଉର୍ ଆଘଲି ଏକ୍କାନେ ଗାରିବ୍ ରାଆଘସ୍ ଆନ୍ନେ ଗରିବ ମାନ୍ଜାସ୍ କେରାସ୍ । ଅନାଗେ ଭି ମାଲ୍ ହାଖ୍ରା । ତାମ୍ ଜଡେ ବୁଢ଼ାବୁଢ଼ୀ ଧାର୍ମାସ୍ ସାନ୍ ଭୁତି କେରାର୍ । ତାମ ଉନ୍ଦୁଲ୍ ରପା ଇଦ୍ଆ ହେସ୍ସୁ ଇଦା ମୁନ୍ଜାକାନ୍ତି ଅନାଗେ ଚିଘର୍ । ହୁଦିଗେ କାର୍ମା ଖିସ୍ରାଖୁନ୍ ରପା ଇଦକାନ୍ ଘଡ଼ାଚିଚ୍ଘସ୍ ଆଉର୍ ହାଲ୍ଲୁନ୍ତା ପିଣ୍ଡିନ୍ ଧାସ୍କାଘସ୍ ।



ସେମାନେ ଘରକୁ ଖବର ଦେଲେ । ତାଙ୍କର ଘରର ସମସ୍ତେ ନାଚଗୀତରେ ମସଗୁଲ ଥିଲେ, ସେଥିପାଇଁ ତାଙ୍କର ଘରେ କେହି ବି ସ୍ୱାଗତ କରିବା ପାଇଁ ଆସିଲେ ନାହିଁ । କେହି ନ ଆସିବାରୁ ବଡ଼ଭାଇ, ସାନଭାଇ ଧରମାକୁ ଘରକୁ ପଠାଇଲା । ଧରମା ମଧ୍ଯ ଆସିଲା ନାହିଁ । ଶେଷରେ କରମା ଆସି ଦେଖିଲା ଯେ ସମସ୍ତେ ନାଚଗୀତରେ ମଜି ଯାଇଛନ୍ତି । ସେ ରାଗିଗଲା, ପୂଜା ସାମଗ୍ରୀ ଫିଙ୍ଗିଦେଲା “କରମା ଡାଳ ଟାଣି ଫିଙ୍ଗିଦେଲା । କିଛି ଦିନ ଗଲାପରେ ଯେମିତି ଗରିବ ଥିଲେ ସେମିତି ଗରିବ ହୋଇଗଲା । ଖାଇବା ପାଇଁ ମଧ୍ଯ ମିଳିଲା ନାହିଁ । ଦୁହେଁ ସ୍ୱାମୀ ସ୍ତ୍ରୀ ଧରମା ପାଖରେ ମୂଲ ଲାଗିଲେ । ସେମାନେ ଦିନେ ଧାନ ରୋଉଥିଲେ ଧାନ ରୁଆ ସରିଲା ପରେ ତାକୁ ଖାଇବା ପାଇଁ ଦିଆଗଲା । ସେଥିରେ କରମା ରାଗିଯାଇ ରୁଆ ହୋଇଥିବା ଧାନକୁ ଉପାଡ଼ି ଫିଙ୍ଗିଦେଲା ।

ହାଲୁଗେଆଡ଼ି ହଟରାକେରା ହାଲେ ଘାଡ଼େ କେର୍‌କାପାଛଲି । ହେସ୍‌ସୁଆରୁ ଆଡ଼ି ଆଘ୍‌ଲିନ୍ତା ଢ଼ଙ୍ଗର ମାଞ୍ଚାକେରା ।


କାରମାସ୍ ଏଲ୍‌ଚାକାତିନ୍‌କାଙ୍କୁ ଢ଼ଙ୍ଗର୍ ଇଜ୍ଜାସରାଚାସ୍ । ଠିକ୍ ଇବେଡ଼ାନୁ ଆକାଶବାଣୀ ମାଞ୍ଚା "କାରର୍ମାନିମକାରମାପୂଜାଘି କାରମାଡ଼ାଣ ଝଡ଼୍‌କାୟ ଆଛକାୟ୍ ଚିଚ୍‌କାୟ ଆପାପୁ ନିଙ୍ଗାଲାରାକିଚି । ନିଜରପାପ୍‌ବନ୍‌ସ୍ୱୀକାରକାମିବିଧି ଅନୁସାରେ ପୂଜାକାମୟ ହେଲେ ଖୁସି ଉଲ୍ଲାବାରଦ୍'' ଆଉକ୍ଲାନ୍ତିନ୍ କରମାବିଧି ଅନୁସାରନୁପୂଜାକାମ୍‌ରଚସ୍ । ଧନସମ୍ପତି ପାଇସା ପତର ଅଭାବ ମାଲ୍ଲା ମାନୁ ଆନ୍ତି ଖୁସିନୁ ରାଚସ୍ ।



ଜମିର ହିଡ଼ ଭାଙ୍ଗିଦେଲା କିନ୍ତୁ ଘଡ଼ିଏ ଗଲା ପରେ ଧାନ ଓ ହିଡ଼ ପୂର୍ବ ପରି ହୋଇଗଲା । କରମା ଭୟରେ କାଠଭଳି ଛିଡ଼ା ହୋଇଗଲା । ଠିକ୍ ଏହି ସମୟରେ ଆକାଶବାଣୀ ହେଲା – "କାର୍‌ମା ତୁମେ କରମା ପୂଜାର କରମା ଡାଳ ଉପାଡ଼ି ଫିଙ୍ଗିଦେଲ ସେହି ପାପ ତୁମକୁ ଲାଗିଛି । ନିଜ ପାପ ସ୍ୱୀକାର କରି ବିଧି ଅନୁସାରେ ପୂଜା କରିବ ହେଲେ ଖୁସି ଦିନ ଆସିବ ।" ସେ ଦିନ ଠାରୁ କରମା ବିଧି ଅନୁସାରେ ପୂଜା କଲା । ଧନ ସମ୍ପତ୍ତି ପଇସା ପତ୍ରର ଅଭାବ ରହିଲା ନାହିଁ । ଖୁସିରେ ରହିଲା ।

# କରମ୍ ଶାନୀ

ଧାରାମ୍‌ବେଲାସେ ସାଓେଟା କୁକ୍ଲୋ ରାଅର । ସାତେଟା କୁକ୍କୋରଗେ ସାଓେଟା କାନିଆଁ ରାଅର୍ । ଛଅ ଭାଇ ରଗି ହାଦ୍‌ଦୁ ବଚ ମାନ୍‌ଅର ଆଉର ବାଡ଼୍‌କା ଭାଇସ୍‌ସେ ହାଦଦୁ ବଚ୍ଚ ମାଁ ମାନ୍‌ଅର । ଭଦୋ ମାସ୍ତା ଅନ୍ଧାର  ପାଖଖି ଏକାଦଶୀ ତିଥିଉଲ୍ଲା । ଆ ବାଡ଼୍‌କା ଭୁଆସିଣିଦ୍ ଉପାସ୍ କାମଅ । ବାଡ଼ା ମୁଲିଗେ ପୂଜା କାମା କେରା । ପୂଜା କାମାଲିଆ ବାକେନ୍ ଶିବ ଭଗବାନ ହାଦ୍‌ଦୁ ରୂପ୍‌ନୁ ଅଙ୍ଗଡ୍ ଚିଢା ମୁସୋ ବାଟ୍‌ବାଟ୍ ହାନ୍‌ନୁନୁ ଚଦ୍‌ଦୋ । ଆ ବେଶନୁ ପୂଜା ସାନ୍‌ଗେ କେରାସ୍ । ଆ ଭୁଆସିଣିଦ୍ ଏରିଆ ଯେ ମୁସୋ ବାଟ୍‌ବାଟ ଅଙ୍ଗଡ଼୍ ଚିଢ଼ା ମେଦ୍‌ନୁ ଧୂଳି ବାକେନ୍ ଆ ଭୁଆସିଣିଦ୍ ଆସିନ୍ ଖେଚ୍‌ଚିଅ । ତାଘେଂ ସାମାନ୍ ଗୁଠି ଯଗଡ଼ିଆ ଆଉ ଆଡ଼୍‌ପାଗେ କିର୍‌ରିୟା ବାର୍‌ଅ ।



ଧରମ ରାଜାର ସାତଟି ପୁଅ ଥିଲେ । ସାତପୁଅର ସାତ ବୋହୂ ଥିଲେ । ଛଅ ଭାଇର ପୁଅ ଝିଅ ଥିଲେ କିନ୍ତୁ ବଡ଼ ଭାଇର ପୁଅଝିଅ ନ ଥିଲେ । ବଡ଼ଭାଇର ପୁଅ ଝିଅ ନ ହେବାରୁ ଭାଦ୍ରବ ମାସର କୃଷ୍ଣପକ୍ଷ ଏକାଦଶୀ ତିଥିରେ ଉପବାସ କରିଥିଲେ ଧରମ ରାଜାର ବଡ଼ବୋହୂ । ବରଗଛ ମୂଳରେ ପୂଜା କରୁଥିଲେ । ଶିବ ବାଳକ ରୂପରେ ମଇଳା ଲୁଗାପିନ୍ଧି ସେଠାକୁ ଆସିଥିଲେ । ବଡ଼ବୋହୂ ତାଙ୍କୁ ଚିହ୍ନି ନ ପାରି ସେଠାରୁ ଘରଡ଼ାଇ ଦେଲେ ଏବଂ ପୂଜା କରିସାରି ଘରକୁ ଫେରିଆସିଲେ ।

ଆଉଲ୍ଲା ମାହାଁ ବାଡ଼କା ଭୁଅସିଣିଦ୍ ତୁଙ୍ଗୁଲ୍ ଏରିଆଦ । ତାଘଂାସାଙ୍ଗେ ଆଦେଶଭିହାଖିଆଦ୍ ତୁଙ୍ଗୁନୁ ନିଯେଶିବବାରିକରି କରମସାନୀପୂଜାକାମଞ୍ଜୁକୁନ୍ ନିଘେଂ ଜାମାପାପ୍ ଖଣ୍ଡରକ ଆରୁ ନିଘଂାୟ ହାଦ୍ଦୁବଛମାନର୍ । ଆଙ୍ଗେନ୍ତି ଆର କରମସାନୀ ପୂଜାକାମଋର୍ଭାଦୋଋନ୍ଦୋ କୃଷ୍ଣପକ୍ଷ ଏକାଦଶିଉଲ୍ଲା ତାଘଂାୟଅଣ୍ଟାକୁକ୍ହାଦ୍ଦୁ ଜନମ୍ମାଞ୍ଝାର୍ ତାହାନାମେ ଚିୟାକେରା କରମା । ଆଉକ୍ଲାନ୍ତି ଭାଦୋ ଋନ୍ଦ ଏକାଦଶୀଉକ୍ଲା ପୂଜାମାନୀଦ୍ ।



ସେହି ଦିନ ରାତ୍ରିରେ ବଡ଼ବୋହୂକୁ ସ୍ୱପ୍ନାଦେଶ ହେଲା । ସ୍ୱପ୍ନରେ ସ୍ୱୟଂ ଶିବ ଆସି କହିଲେ କରମସାନୀ ପୂଜା କଲେ ତୋ'ର ସବୁ ପାପ କଟିଯିବ ଏବଂ ତୋର ପୁତ୍ର ସନ୍ତାନ ହେବ । ସେହିଦିନ ଠାରୁ ସେମାନେ କରମସାନୀ ପୂଜା କଲେ । ଭାଦ୍ରବ ମାସର କୃଷ୍ଣପକ୍ଷ ଏକାଦଶୀ ଦିନ ତାଙ୍କର ଗୋଟିଏ ପୁତ୍ର ସନ୍ତାନ ଜାତ ହେଲା । ତା'ର ନାମ ଦିଆଗଲା କରମା । ସେହି ଦିନଠାରୁ ଭାଦ୍ରବ ମାସର ଏକାଦଶୀ ଦିନ କରମା ପୂଜା କରାଯାଏ ।

# ଯାଦୁବାଲା

ଅଣ୍ଟା ହାର୍ବୁନ୍ନୁ ଭୁଉ୍ଭୁ ଯାଦୁବାଲାସ୍ ରାଲିଆସ । ତାଘେଂ ଅଣ୍ଟା ଝୁପରି ରାଚାଦ୍ । ତାଘେଂ ଝୁପଡ଼ି ନୁ ଅଣ୍ଟା ଅସ୍କା ରାଚ୍ଚଦ୍ । ଯାଦୁବାଲା ଅସ୍କାନ୍ ମୁରୁଖ୍ ବାନେ ହାଖାଲିଆସ । ଉନ୍ଦୁଲ ଅସ୍କାଦ୍ ବାରଚ୍ଚଦ୍ ଆରୁ ଯାଦୁବାଲା ସିନ୍ ତେଙ୍ଗିୟାଦ, ଏଙ୍ଗାନ ବିଲେଇ କାମାଚିଆ । ଯାଦୁବାଲାସ୍ ଅହନିସାରେ ତାଙ୍ଗାନ୍ ବିଲେଇ କାମଚାସ୍ ଚିଚାସ୍ । କିଛି ଉଲ୍କେରା, ବିଲେଇଦ୍ ଉନ୍ଦୁଲ୍ ବାରଚ୍ଚଆରୁ ତେଙ୍ଗିୟାଦ୍ ଏଙ୍ଗାନ୍ ଆଲ୍ଲା କାମାଚ୍ଚ । ଯାଦୁବାଲାସ ତାଙ୍ଗାନ ଆଲ୍ଲା କାମାଚ୍ଚସ୍, ଚିଚାସ । ଆଲ୍ଲା ତାଙ୍ଘେ ମନଇଚ୍ଛା କୁଦ୍ଦିୟାଦ୍ । ଆଲ୍ଲାଦ୍ ଆକ୍ଖା ଯେ ହାତୀଦ୍ ଯେତେସ୍ତିନ୍ ବାଡ୍କା ପଶୁ । ଆଘେଂନ୍, ତାନ୍ ହାତୀ ମାନାଗେ ମନ ନାନ୍ଚ୍ଚଦ୍ । ଯାଦୁବାଲା ତାଙ୍ଗାଅହନିସାରେ ହାତୀ ବାନାବାଚିଚ୍ଚସ୍ ।



ଗୋଟିଏ ଜଙ୍ଗଲରେ ଜଣେ ଯାଦୁବାଲା ରହୁଥିଲା । ତାର ଗୋଟିଏ କୁଡିଆ ଘର ଥିଲା । ତା କୁଡିଆରେ ଗୋଟିଏ ମୂଷା ଥିଲା । ଯାଦୁବାଲା ମୂଷାକୁ ଭାରି ଭଲ ପାଉଥିଲା । ଦିନେ ମୂଷା ଆସିଲା ଓ ଯାଦୁବାଲାକୁ କହିଲା, ମୋତେ ବିଲେଇ କରିଦେ । ଯାଦୁବାଲା ସଙ୍ଗେସଙ୍ଗେ ତାକୁ ବିଲେଇ କରିଦେଲା । କିଛି ଦିନ ଯିବାପରେ ବିଲେଇ ଆସି କହିଲା ମୋତେ କୁକୁର କରିଦେ । ଯାଦୁବାଲା ତାକୁ ସଙ୍ଗେସଙ୍ଗେ କୁକୁର କରିଦେଲା । କୁକୁର ତାର ମନଇଚ୍ଛା ବୁଲିଲା । କୁକୁର ଜାଣିଲା ହାତୀ ସବୁଠୁ ବଡ଼ ପଶୁ । ସେତେବେଳେ ସେ ହାତୀ ହେବାପାଇଁ ଇଚ୍ଛା କଲା । ଯାଦୁବାଲା ତାକୁ ସଙ୍ଗେସଙ୍ଗେ ହାତୀ କରିଦେଲା ।

ହାତୀ ମାଞ୍ଜାଆରୁ, ହାର୍ବୁନୁ ତାଙ୍ଗେ ମନଖୁସି କୁଦ୍‌ଦିଆ । ଉହାତୀଦ୍ ଉନ୍‌ଦୁଲ ଭାବ୍‌ଋଦ୍, ଯାଦୁ ବାଲାସିନ କାଚ୍‌ଡ ଆରୁ ପିଟଚ ଯାଦୁବାଲାସ୍ ଯେତେ କାତ୍‌ଥାନ୍ ଆଖ୍‌ଖାସ୍ ତାଙ୍ଗେଂ ମନ୍‌ନୁ ଖ୍‌ସାରାଚାସ୍ । ହାତୀ ତାଙ୍ଗାନ୍ ତୀର୍‌ହାପିଟାଗେ ବାର୍‌ଋ । ଯାଦୁବାଲାସ୍ ତେଙ୍ଗିଆସ୍ ଅସ୍‌କା ମାନୁକାଲ । ତେଙ୍ଗ୍‌ନୁ, ତେଙ୍ଗ୍‌ନୁ ହାତୀଦ୍ ଫେର୍ ଅସକା ମାଞ୍ଜାକେରା ।



ହାତୀ ହେଲା ଏବଂ ମନ ଇଚ୍ଛା ଜଙ୍ଗଲରେ ବୁଲିଲା । ସେ ହାତୀ ଦିନେ ଭାବିଲା ସେ ଯାଦୁବାଲାକୁ ମଚକି ମାରିଦେବ । ଯାଦୁବାଲା ଏ ସବୁ କଥା ଜାଣିପାରିଲା । ସେ ମନେ ମନେ ରାଗିଗଲା । ହାତୀ ତାକୁ ମଚକି ଦେବାପାଇଁ ଆସିଲା । ଯାଦୁବାଲା କହିଲା ମୂଷା ହୋଇ ଯା । କହୁଁ କହୁଁ ହାତୀ ପୁଣି ମୂଷା ହୋଇଗଲା ।

# କୁଣ୍ହୁଁ କିସାନ ପୁରାଣ

**କୁଣ୍ହାଁର୍ ଆଘ୍ଲି ଏକାସାନ୍ ଜନ୍ମାରାଓ୍ଚର୍ ଯେ ତାଘେଂ ଠିକଣାମାଲ୍ଲା । ପାଚ୍କି ଗୁଠିଆର୍ ଗେ ତେଙ୍ଗ୍ନାନୁ ନାମ୍ଣେଁ କୁଣ୍ହାଁର୍ ଆଘ୍ଲି ନାଗପୁର, ଧାନପୁର ନୁ ରାଓ୍ଚର ବୁଲି ଜାଣା ଖାତ୍ରାଲି । ନାଗପୁର ଧାନପୁରନୁ ନାମ୍ଣେଁ କୁଣ୍ହାଁର୍ ଆଘ୍ଲି ରାଜା ବେଲା ମାଞ୍ଜାକାର୍ଚ୍ଚର । ଆସାନ ରାଓ୍ଚର ବାକେନ୍ ଯାହା ହାଦ୍ଦୁ ବଚ୍ଚୋ ମାନାଲିଆର୍ ଜାମା ଖିଆ ଚାପା କାଲିଆର୍ । ଇ ବୁଦ୍ଧିନୁ ଏସ୍କେ ଉଜ୍ଜତ୍ ଅକ୍କତ୍ ବୁଲି ହେଜାଲେଖା କାମଓ୍ଚର୍ । ଆସାନ୍ କୁଣାର୍ ଗେ ଅଣ୍ଟା ଭାଁଟାସ୍ ରାଓ୍ଚସ୍ । କୁଣ୍ହାଁର୍ ଆସିନ୍ ଇକାଓ୍ଚର୍ ଆରୁ ତାଙ୍ଗାନ୍ ମାନାଲିଆର୍ ବାକେନ ବେଲାସ୍ ଭାଁଟସିନ୍ ମେଞ୍ଜାସ୍ ଏଘେଂ ଯାହା ହାଦ୍ଦୁ ବଛ ମାନାଲ୍ନାର୍ ଜାମା ଖିଆ ଚାପା କାଲ୍ନାର୍, ଏନ୍ଦେର୍ ବୁଦ୍ଧି କାମନ୍ । ଆଉ ଅଣ୍ଟା କୁକକ୍ ହାଦୁସ୍ ସିନ୍ ବାଓ୍ଚବାଗେ ଲାଗାନ୍ । ମାଲ୍ଲା ହେଲେ ନାହେଁ ରାଜିଦ୍ ଭାସରଦ୍କଅ୍ । ଭାଁଟାସ୍ ବାଓ୍ଚସ୍, ମାଲ୍ଲା ହୋ ବେଲାୟ, ଅଣ୍ଟା ଆଡ୍ଡା ଆତ୍ଲିଦ୍ ଆସାନ୍ ଅଣ୍ଟା ରାଣ୍ଡି ମୁକ୍କା ଆତ୍ଲି ତାଘେଂସାନ୍ ହତ୍ଚତ୍ ।**

କିସାନ ମାନେ ଆଗେ କେଉଁଠରେ ଜନ୍ମ ହୋଇଥିଲେ ତାଙ୍କର କିଛି ଠିକଣା ନାହିଁ । ବୁଢ଼ା ମାନଙ୍କ କହିବା ହିସାବରେ ଆମର କିସାନ ମାନେ ଆଗେ ନାଗପୁର ଧାନପୁରରେ ରହୁଥିଲେ ବୋଲି ଜଣାପଡ଼େ । ଆଗେ ନାଗପୁର ଧାନପୁରରେ କିସାନ ମାନେ ରାଜା ହୋଇଥିଲେ । ସେଠି ରହିବା ସମୟରେ ତାଙ୍କର ଯାହା ଛୁଆ ପିଲା ହେଉଥିଲେ ସବୁ ମରି ଯାଉଥିଲେ । ସେମାନେ କ'ଣ କରିବେ ଚିନ୍ତା କଲେ । ସେଠାରେ କିସାନ ମାନଙ୍କର ଜଣେ କୁଳଗୁରୁ ଥିଲେ । କିସାନ ମାନେ ତାଙ୍କୁ ରଖିଥିଲେ ଆଉ ମାନୁଥିଲେ । ଦିନେ ରାଜା ଗୁରୁକୁ ପଚାରିଲେ ମୋର ଯାହା ଛୁଆ ପିଲା ହେଉଛନ୍ତି ସବୁ ମରି ଯାଉଛନ୍ତି । କି ବୁଦ୍ଧି କରିବି । ଆଉ ଗୋଟିଏ ପୁଅକୁ ବଞ୍ଚାଇବା ପାଇଁ । ନହେଲେ ମୋର ରାଜ୍ୟ ଭାସିଯିବ । ଗୁରୁ କହିଲେ ନାହିଁ ହୋ ରାଜା ଆମର ଗୋଟିଏ ଜାଗା ଅଛି । ସେଠାରେ ଜଣେ ବିଧବା ସ୍ତ୍ରୀ ଅଛି । ତାଙ୍କୁ ଦେଇଦେବା ।




ବେଲାସ୍ ବାଝସ୍ କାଲା ହୋ ଭାଁଟାୟହୁଦିନ୍ ମେନ୍‌କେ ବାର୍‌କେ୍ । ପସନ୍ଦ୍  ଲାଗ୍‌ଗ ହେଲେ ହ-ଚିୟତନେ । ଆସ୍ତିନ୍ ଭାଁଟାସ୍ କେରାସ୍ ରାଣ୍ଡି ମୁକକ୍ାନ୍ ମେନାଗେ । ବାଝସ୍ କି ବେଲାସ୍ ତାଇକା ଦାସ୍ ନିଘେଂ ତାରା । ନାମ୍ନେଁ ବେଲାସ୍  ସେ ଜାମା  ହାଦ୍‌ଦୁ  ବଚ୍‌ଚ ମାନାଲ୍‌ନାର୍ ସାଫା ଖିଆ କାଲ୍‌ନାର ଆରୁ ଅଣ୍ଟା ହାଦଦୁ ମାଞ୍ଜିକାଦାସ୍  ଇହାଦ୍‌ହୁସିନ୍  ପଁସୟ ଚିଅୟ ନେକା ? ମୁକ୍‌କାଦ୍ ବାଝଦ୍‌କି ଅନ୍ଦ୍‌ରର୍ ଚିୟର୍ ହେଲେ ପଁସନ୍  ଚିୟନ୍ ।  ଭାଁଟାସ୍ ଆଉ ବେଲାସ୍ କୁରି ରାଣ୍ଡି ମୁକ୍‌କାସାନ୍  ଘେ ହାଦ୍‌ଦୁ ଗେ ଅନ୍ନା ମହନା ସାଫା ଅନ୍ଦରାଝର୍ ଆଉ ରାଣ୍ଡି ମୁକ୍‌କା ଘେ ହାଦ୍‌ଦୁ ସିନ୍ ଚିଝର୍  ଲାଗିଆର ।  ହୁସ୍ ତିନ ଆ ହାଦଦୁ ସିନ୍ ପଁସିଆଦ୍ ପାଡିଆଦ୍ ବାକେନ୍ ପାର୍‌ଦିଆସ୍ ।

ରାଜା କହିଲା ତେବେ ଯାଅ ତାଙ୍କୁ ପଚାରି ଆସିବ ପସନ୍ଦ ହେଲେ ନେଇଦେବା । ତା'ପରେ ଗୁରୁ ଗଲେ ବିଧବା ସ୍ତ୍ରୀଙ୍କୁ ପଚାରିବା ପାଇଁ । କହିଲା କି ରାଜା ପଠେଇଛନ୍ତି ତୁମ ପାଖକୁ । ଆମ ରାଜାଙ୍କ ଛୁଆ ପିଲା ସବୁ ମରି ଯାଉଛନ୍ତି । ଆଉ ଗୋଟିଏ ଛୁଆ ଜନ୍ମ ହୋଇଛି ତା'କୁ ପୋଷିଦେବକି ? ବିଧବା ସ୍ତ୍ରୀ ଟି କହିଲା ଆଣିଦେଲେ ମୁଁ ପୋଷିଦେବି । ଗୁରୁ ଆଉ ରାଜା ଛୁଆର ଖାଇବା ପିଇବା ଦେଇ ଛୁଆଟିକୁ ବିଧବା ସ୍ତ୍ରୀ ପାଖରେ ଛାଡ଼ି ଦେଲେ । ସେଇଠୁ ସେଇ ଛୁଆକୁ ଲାଳନ ପାଳନ କଲା ଛୁଆଟି ବଡ଼ ହେଲା ।



ନିଅଁ ଉଲ୍ଲା କେର୍‌କାନ୍ତି ବେଲାସେ ଆରୁଅଣ୍ଟାହାଦ୍ଦୁମାଞ୍ଜାସ୍ । ବେଲାସ୍ ଇହାଦ୍‌ଦୁସିନ୍ ପଁସନ୍ ବାଟାସ୍ ଆହାଦ୍ଦୁସ୍ ପାର୍ଦ୍ଧା ଲାଗ୍‌ଗିଆସ୍ । ଆହଦ୍ଦୁସ୍ ବେଲାସ୍ ପାଠ୍‌ପାଢ଼ା ଗେଟିଚ୍ଛାସ୍ । କୁକ୍କୁସବାଡ଼କା ମାଞ୍ଜ୍‌ବାକେନ୍ ବେଲାସ୍‌କେଚ୍ଛାସ୍‌କେରାସ୍ । ଛଟେ ହାଦଦୁସ୍ ରାଜିନ୍ ଋଲା ବାଋସ୍ । ଉନ୍ଦୁଲ ତିନ୍ ଉନ୍ଦୁଲ୍ ପାର୍ଜାରିନ ମେହିଁଆସ୍ । ହହୋ ପାର୍ଜାର ଗୁଋ ଉର୍ର୍ଖା ଇନ୍ନା ପାର୍‌ଧି କତ୍ । ପାର୍ଜାର ବାଋର ହଁ କଢ୍ ହାର୍ବୁନୁ କୁଦ୍‌ନୁ ବିଡ଼ିଦ୍ ପୁଡିଆ କେରାଦ୍ । ଏଡିଆର୍ ବାରଋର୍, ଇବାକେନ୍ ବେଲାସ ଏରିଆସଯେ ଏଙ୍ଗା ମାଲ୍ଲା ଏଙ୍ଗା ଆଡ଼୍‌ଡା ତାସ୍ ମାନାଲିଜ ଏରିଆସ୍ ଆଉ ବାଋସ୍ ଇ ଆଡ୍‌ଡାନୁ ନେଦ୍ ଋଷ୍ କାମାଲ୍‌ନାର୍ ଇଦ୍‌ଗେତା ମାଲଗୁଞ୍ଜାରୀ ମାଲ୍ଲା ଚିୟୁସ କାଲା ତାଘେଂସ୍ତିନ୍ ମାଲ ଗୁଞ୍ଜାରୀ ଅନ୍ଦର୍‌କେ । ଅନ୍ଦରା କେରାର୍ ବାକେନ ମାଲ୍ ଚିଋସ୍ । ବେଲାସ୍ ବାଋସ୍ ମାଲ୍ଲା ହେଲେ ଲଢେଇକାମତ୍ ଅନ୍ଦରତ୍ । ଇ କତଥା ବନ୍ ଭାଁଟାସ୍ ମେଞ୍ଜାସ୍ ଆଉ ବେଲାସିନ୍ ତେଙ୍ଗି ଆସ୍ ଯେ ହୁସ ନିଘେଂ ଭାଇସ୍ ତାଘେଂ ଗାନେ ଲଢ଼େଇ ଆମା କାମା । ଯେତେବେଲେ ନିମ୍ଧାସେ ହାଦ୍‌ଦୁ ବଚ୍ଚର୍ ଖିଆ କାଲିଆର୍ ହୁ ବାକେନ୍ ଅଣ୍ଟା ରାଣ୍ଡି ମୁକ୍‌କାସାନ୍ ତାଘାଂନ ଇକାନ ରାଋର୍ । ହୁଦ୍‌ଗେ ଲାଗାନ୍ ନାନା ଅନାଲ୍‌ଦାସ୍ । ବେଲାସ୍ ହାଦଦୁସ୍ ବାଋସ୍ କି ଜାଗା ନେଖେହି ମାଫିଁ ମାଲ୍ଲିଦ୍ । ତାଘେଂଗାନେ ଲଢ଼େଇ କାମା ଆଉ ଅନ୍ଦରା ଖାତ୍‌ର ।



କିଛି ଦିନ ଗଲାପରେ ରାଜାଙ୍କର ଆଉ ଗୋଟିଏ ପିଲା ହେଲା । ରାଜା ଏହି ଛୁଆକୁ ମୋ ପାଖରେ ରଖିବି କହିଲା । ସେହି ଛୁଆଟି ଦିନକୁ ଦିନ ବଢ଼ିବାକୁ ଲାଗିଲା । ତାକୁ ରାଜା ପାଠ ପଢାଇଲେ । ପିଲାଟି ବଡ଼ ହେଲାପରେ ରାଜା ମୃତ୍ୟୁବରଣ କଲେ । ଛୋଟ ପିଲାଟି ରାଜ୍ୟ ଚଳାଇଲା । ଦିନେ ପ୍ରଜା ମାନଙ୍କୁ ଡ଼ାକିଲେ ହଇ ହୋ ପ୍ରଜାମାନେ ଋଲ ଆଜି ଶୀକାରକୁ ଯିବା । ପ୍ରଜା ମାନେ କହିଲେ ହଁ ଯିବା । ଜଙ୍ଗଲକୁ ଗଲେ ଜଙ୍ଗଲରେ ବୁଲୁବୁଲୁ ବେଳ ଗଡ଼ିଗଲା । ଜଙ୍ଗଲରୁ ଯେତେବେଳେ ଫେରୁଥିଲେ, ରାଜା ଦେଖିଲେ ଏତେ ବଡ଼ ବଡ଼ ଜମିରେ ଋଷ ହେଉଛି । ଏଇ ଜମିରେ କିଏ ଋଷ କରୁଛି ଏହି ଜମିରତ ମାଲଗୁଜାରୀ ଦେଉନି ? ଯାଅ ତାଙ୍କ ଠାରୁ ମାଲଗୁଜାରୀ ଆଣିବ । ଆଣିବାକୁ ଗଲେ ଜମିବାଲା ଦେଲାନି । ରାଜା କହିଲେ ତାହେଲେ ଲଢ଼େଇ କରି ଆଣିବା । ଏଇ କଥାକୁ ଶୁଣି ଗୁରୁ ରାଜାକୁ କହିଲେ ଯେ ଯେତେବେଳେ ତୁମ ବାପାର ଛୁଆପିଲା ମରିଯାଉଥିଲେ ସେତେବେଳେ ଜଣେ ବିଧବା ସ୍ତ୍ରୀ ପାଖରେ ତାଙ୍କର ପୁଅକୁ ଦେଇଥିଲେ । ସେଥିପାଇଁ ସେ ଋଷ କରି ଖାଉଛି । ରାଜା କହିଲେ କି ଜମି କାହାକୁ ମାଫିଁ ନୁହେଁ । ତା ସହିତ ଲଢେଇ କରି ଆଣିବାକୁ ପଡ଼ିବ ।

**ଭାଁଟାସ୍ ବାଝସ୍, ଏରା ଲଢ଼େଇ କାମ ହେଲେ କାମା । ତାଘେଂତା କିଛି ଲଢେଇ କାମାଗେ ହାତିଆର ମାଲ୍ଲା ଦିନ୍ । ବେଲାସ୍ ତାଘେଂ ଆଲ୍‌ବାଲ୍‌ରିନ୍ ଧାର୍‌ଝସ୍ ଲଢେଇ କାମାଗେ କେରାସ୍ । ଭାଁଟାସ୍ ବାଝସ୍ କହାଭାଇସ୍ ଆଘଲି ଇଲ୍‌ନାସ୍ ନିନ୍ ଇଞ୍ଜା । ଯାହା ଇଞ୍ଜାସ୍ ତାଘେଂ ହେଡଡୁ କିୟା ଏପସ୍ରା କେରା । ବାକେନ୍ ଭାଁଟାସ୍ ବାଝସ୍ ଏର୍‌କାୟ ନିଘେଂ ଜାମା ହାତିଆର ଏପସ୍ରା କେରା । ଭାଁଟାସ୍ ବାଝସ୍ ଆକକୁନ୍ ନିନ୍ ଇଲା ବାଝସ ବାକେନ୍ ଛଟେସ୍ ଇଜ୍ଜାସ୍ । କହା ସିନ୍ ବାଝସ୍ ନିଘେଂ ତା ହାତ ହତିଆର କିଛି ମାଲ୍ଲାଦିନ ଏସ୍‌କେ କାମୟ, ଏନ୍ ଅଣ୍ଣା ବୁଦ୍ଧି ଚିୟନ ନିନ୍ ହେ ଧର୍ମ ଦେବତା ବା ଆରୁ ଧାର୍ମେତାରା ମୁଁ ହି କାମା ଆଉ ଏଘେଂ ପାଞ୍ଚେଟା ଅଙ୍ଗ୍‌ଠିନୁ ହାତ୍‌ହତିଆର୍ ବାର୍ ବାଝସ୍ ଆଉ ହେଖ୍‌ଖାନ୍ ଟେକ୍‌ଝସ୍ । ବାକେନ୍ ଏରିଆର୍ ଛଟେସ୍‌ଗେ ହାତହତିଆର୍ ଏଲଚିଆ କେରାର । ବେଲ୍ ହାଦ୍‌ହୁସିନ ଭାଁଟାସ୍ ବାଝସ୍ ଏରକାୟ । କାଲା ନିଘେଂ କହା ଭାଇସିନ୍ କ୍ଷମା ନିକେ ମାଲ୍ଲା ହେଲେ ନିଘେଂ ଯାହା ଆତାଲ୍‌ନାର୍ ଜାମାମୁଞ୍ଜରର୍‌କର୍ । ବେଲ ହାଦ୍‌ଦୁସ୍ କେରାସ୍ ଆଉ କହା ସେ ହେଡ୍‌ଡୁ ମୁଲିନ୍ ଖାତରାସ୍ । ଏଘେଂ ଭୁଲ ମାଞ୍ଜା ବାଝସ୍ । ହୁ ବାକେନ୍‌ତିନ୍ ଛଟେସ ବେଲ ମାଞ୍ଜାସ୍ ଆଉ କହାସ ପାର୍ଜା ମାଞ୍ଜାସ୍ । ଆଘଲିନ୍‌ତା ପାଚକି ଗୁଠିଆର ବାନାର୍ ଯେ-**

**ସାନ ଭାଇ ରାଜା, ବଡ଼ ଭାଇ ପାର୍ଜା ।**

ଗୁରୁ କହିଲେ ଲଢେଇ କରିବ ହେଲେ କର । ତାର ତ ଲଢ଼େଇ କରିବା ପାଇଁ କିଛି ନାହିଁ । ରାଜା ଲୋକମାନଙ୍କୁ ଧରି ଲଢ଼େଇ କରିବାକୁ ଗଲେ ଗୁରୁ କହିଲେ ବଡ଼ ଭାଇ ଆଗେ ଠିଆ ହେଉ । ଯେତେ ଶର ମାରିଲା ସବୁତକ ଗୋଡ ତଳେ ହଜିଗଲା । ଗୁରୁ କହିଲେ ଦେଖିଲୁ ତୋର ସବୁ ହତିଆର ହଜିଗଲା । ଗୁରୁ କହିଲେ ଛୋଟ ଭାଇକୁ ଏବେ ତୁମେ ଠିଆ ହୁଅ । ବଡ ଭାଇକୁ କହିଲା ତୁମ ପାଖରେ ହତିଆର କିଛି ନାହିଁ କେମିତି କରିବ । ମୁଁ ଗୋଟିଏ ବୁଦ୍ଧି ଦେବି । ତମେ ହେ ଧର୍ମଦେବତା ବୋଲି କହ ଆଉ ପୂର୍ବ ଦିଗକୁ ମୁଁହ କରି କହ ମୋର ପାଞ୍ଚଟି ଆଙ୍ଗୁଠିରେ ହତିଆର ଆସୁ । ବଡଭାଇ ସେପରି କହିଲା ଆଉ ହାତକୁ ଟେକି ଦେଲା । ସେତେବେଳେ ତାଙ୍କୁ ଦେଖି ସାନଭାଇର ହତିଆର ଗୁଡିକ ଡରିଗଲେ । ଗୁରୁ ରାଜାଙ୍କୁ କହିଲା ଦେଖିଲ ଯାଆ ତୁମ ବଡ଼ ଭାଇକୁ କ୍ଷମା ମାଗ ନ ହେଲେ ତୁମର ଯାହା ଅଛନ୍ତି ସବୁ ସରିଯିବେ । ରାଜା ଗଲା ଆଉ ବଡ଼ ଭାଇର ଗୋଡ଼ ତଳେ ପଡ଼ିଲା ମୋର ଭୁଲ ହୋଇଗଲା କହିଲା । ସେଇ ଦିନଠୁ ସାନ ଭାଇ ରାଜା ହେଲା ବଡ଼ଭାଇ ପରଜା ହେଲା । ସେଥିପାଇଁ ଆଗ କାଳର ବୁଢା ମାନେ କହନ୍ତି :- ସାନ ଭାଇ ରାଜା, ବଡ଼ ଭାଇ ପରଜା

# ବାଡ଼ାମାନ୍ନୁ - ବରଗଛ


ଏକା ଯୁଗୁନ୍ତି ବାଡ଼ାମାନ୍ନୁ ଅଣ୍ଟା ପାଦାଗେ ମୁଁ ଡ଼ିନୁ ରାଚା । ବିଡ଼ନାଚେଖା, ଅଡ଼ାଗୁଠିର ଚିରା ବାର୍ରାକାମା କାମା କାଁପା ଚିନାର୍ । ପାବୁନୁ କାନା ବାର୍ନା ଆଲାର୍ ମାନ୍ନୁ ମୂଲିନୁ ଅକ୍ଳନାର୍ ଆଉ ବାଡ଼ା ତାମ୍ ସୁସ୍ତାରାନାର୍ ।

ଉନ୍ଦୁଲ ଅଣ୍ଟା ମାହ୍ନା ହାପୁସ୍ ବାଡ଼ା ଡ଼ାଡା ଏସିୟାସ୍ ଆରୁ ତାଙ୍ଗେ ମାହ୍ନାଗେ ମହାତାଲିୟାସ୍ । ହୁ ଉଲ୍ଲା ବାଗେ ଗାରାମ୍ ଲାଗ୍ଗାଲିଆଦ୍ । ଅଣ୍ଟା ପାବୁନୁ ଏକୁ ଆଲାସ୍ ପାବୁ ଏକା ଏକା ଆଏତାରାସ୍ କେରାସ୍ ଆଉ ଆ ମାନ୍ନୁ ମୂଳୀନୁ ଚୁଡିୟାସ୍ । ପାବୁ ଏକୁ ଆଲାସ୍ ଏରିୟାସ୍ ଯେ । ବାଡ଼ା ମାନ୍ନୁଗେ ଫାଡୁଦ୍ ଛଟେ ଛୋଟେ ମାଞ୍ଚା ଆଉ ଖାତର୍କିଚି । ନିଅ ଘାଡ଼ି କେରା ଆସ ଭାବଚାସ୍ ଭାଇତାଡ଼୍ ମାନ୍ନୁ ଛଟେ ମାନଚୁକ୍ନାଭି ଆନ୍ନୁ ବାଡ଼େ ବାଡ଼େ ଫାଡ୍ଡୁ ହାଞ୍ଚାଲିଦ୍ ।



କେଉଁ କାଳକୁ ବରଗଛଟିଏ ଗାଁର ଶେଷ ମୁଣ୍ଡରେ ଥାଏ । ଖରାଦିନେ ଚଢ଼େଇ ମାନେ କିଚିରି ମିଚିରି ଶବ୍ଦରେ କମ୍ପେଇ ଦେଉଥାନ୍ତି । ବାଟୋଇ ମାନେ ବିଶ୍ରାମ ନେଉଥାନ୍ତି ତା' ମୂଳରେ । ଦିନେ ଗୋଟିଏ ମଇଁଷିଆଳ ବରଡ଼ାଳ ଭାଙ୍ଗି ମଇଁଷିକୁ ଖୁଆଉଥାଏ । ସେଦିନ ପ୍ରବଳ ଗରମ ହେଉଥାଏ । ଗୋଟିଏ ବାଟୋଇ ଚାଲିଚାଲି ହାଲିଆ ହୋଇ ସେ ଝଙ୍କା ବରଗଛ ମୂଳରେ ବିଶ୍ରାମ ନେଲା । ବାଟୋଇ ଜଣକ ଦେଖିଲା ଯେ, ବରଗଛର ଛୋଟଛୋଟ ଫଳ ପାଚି ତଳେ ଝଡ଼ିପଡ଼ିଛି । କିଛି ସମୟ ପରେ ସେ ଭାବିଲା, କଖାରୁ ଗଛ ଛୋଟ ହେଲେ ମଧ୍ୟ ସେଥିରେ ବଡ଼ ବଡ଼ କଖାରୁ ଫଳୁଛି,

**ହେଲେ ଇଙ୍ଖା ବାଡ଼େ ମାନ୍ନୁନୁ ଛଟେ ଛଟେ ଫାଡୁ ବେଲାସ୍ ଚିଚ୍‌କାଦାସ୍ । ବେଲାସଗେ ଅକଲ ବୁଦ୍ଧି ମାଲ୍ଲାକା ? ଇ ମାନ୍ନୁନୁ ବାଡ଼େ ଫାଡୁ ଚେଡ଼ାଆଙ୍ଗ । ଆସିନ୍ ଭାଇତାଡ଼ନ୍ତି ବାଡ଼କା ଫାଡୁ ରଦନେ୍ ହେଲେ ମାନ୍ନୁବଦ୍ ବାନେ ଏଥରଦ୍‌ନେ ।ଇବନ୍  ଭାବଚାସ୍ ଆଉ ଗାମଛା ଖାଣ୍ଡେ କିୟା ଆଟିୟାସ୍ ଆଉ ମାନ୍ନୁ ମୁଲିନୁ ଚୁତିୟାସ୍ କେରାସ୍ । ଏରତେ ଏରତେ । ଆସ ପୁରା ଚୁତିୟାସ କେରାସ୍ । ଆଉ ଘାଟ୍‌ରାଚାସ୍ । ବିଡ଼ନା ଚାନ୍ଦୋ ପାଞ୍ଜକା ଫାଡୁଗୁଠିଦ୍ ଅଡାଗୁଠିଦ୍ ମହାମହା କିୟା ଖାର୍ତାଲିୟା ।**



ହେଲେ ଏତେବଡ଼ ଗଛରେ ଟିକି ଫଳ ଭଗବାନ ଦେଇଛନ୍ତି । ଭଗବାନଙ୍କର ବୁଦ୍ଧି ଶୁଦ୍ଧି ନାହିଁ । ଏ ଗଛ ବିରାଟ ଫଳ ବୋହିପାରିବ ।  ତାକୁ କଖାରୁ ଠାରୁ ବଡ଼ ଫଳ ଦେଇଥିଲେ ଗଛଟା ସୁନ୍ଦର ଦିଶୁଥାଆନ୍ତା । ଏହା ଭାବି ଗାମୁଛା ପାରି ଚିତ୍ ହୋଇ ଗଛ ମୂଳରେ ଶୋଇପଡ଼ିଲା । ଚାହୁଁ ଚାହୁଁ ନିଦ ଲାଗିଗଲା । ଘୁଙ୍ଗୁଡ଼ି ମାରିଲା । ଖରାଦିନେ ପାଚିଲା ବରଫଳ ସବୁ ଚଢେଇ ଖାଇବା ପରେ ଝଡ଼ିପଡୁଥାଏ । ବରଫଳ ଖାଇବାକୁ ଚଢେଇମାନେ ଭଲ ପାଆନ୍ତି ।

ଇବାକେନ୍ ଅଣ୍ଟା ପାଞ୍ଜ୍କା ବାଡ଼ାଫାଡୁ ପାବୁଏକନାସ୍ ଆଲାସେ ନାକଗେ ମିଆଁ ଖାତ୍ରା । ତାଙ୍ଗେ ଝୁମୁରାଦ୍ ଜାଲଦିସେ ଭୁଙ୍ଗା କେରା । ନାକବଦ୍ ଯୋର ସେ ନୁଞ୍ଜା । ଆସ୍ ନାକବନ୍ ସାଉଁରା ସାଉଁରା ହାଡ୍‌ଦିୟାସ୍ କେରାସ୍ ।

ନିୟ ଘାଡି କେରା । ଆସ ଭାବଟାସ୍ ସଥେ ବେଲା ସ୍ତିନ୍ ହୁସିୟାର ଆଉ ଚିନ୍ତାକାମନା ଆଲା ଇଦୁନିୟାଁନୁ ନେଦହି ମାଲ୍‌କାନାର । ବାଡ଼ାଫାଡୁ ଏଙ୍ଗେ ନାକନୁ ଖାତ୍ରାଯେ ଏଙ୍ଗାନିୟ ନୁଞ୍ଜାଲି । ଯଦି ବାଡ଼ଫାଡୁଦ୍ ଭାଇଁତାଡ୍ ଲେଖା ମାନ୍‌ଚିକିରଦ୍‌ନେ୍ ହେଲେ ଏଙ୍ଗେ ଜୀଆଦ୍ ବୁଙ୍ଗିଚିର୍‌କିରଦନେ । ଆ ଆଲାସ୍ ତେଙ୍ଗିୟାସ୍ ହେ ବେଲାୟ । ଏଙ୍ଗେ ଭୁଲ୍ ମାଞ୍ଜାକେର୍‌କିଚିଦ୍ । ଏଙ୍ଗାନ୍ ମାଫ୍ କାମ୍‌କେ ଚିକେ । ନିନ୍ ଯାହା କାମକାଦାୟ ସାଫା ଠିକ୍ । ଏନ୍ ଯାହା ଭାବ୍-କାଚିକାନ ଆଦ୍ ଜାମା ଭୁଲ୍ । ଆଲାସ୍ ତାଙ୍ଗେ ଭୁଲବନ୍ ବୁଝରାସ୍ ।

ନେକାନ୍ ଏସକେ ବାନାବାକାଦାୟ ବେଲାୟ

ଆସ୍ତିନ୍ ଏସକେ ଦୁସରା ମାନଦ୍ ।

ଏହି ସମୟରେ ଅଚାନକ୍ ଗୋଟିଏ ପାଚିଲା ବରଫଳ ବାଟୋଇର ନାକଦଣ୍ଡି ଉପରେ ପଡ଼ିଗଲା । ତା'ର ନିଦ ହଠାତ୍ ଭାଙ୍ଗିଗଲା । ନାକ ଜୋରରେ ବିନ୍ଧା ହେଲା । ସେ ନାକ ଆଉଁସି ଆଉଁସି ବେଦମ୍ ହେଲା । କିଛି ସମୟ ପରେ ସେ ଭାବିଲା । ପ୍ରକୃତରେ ଭଗବାନଙ୍କ ଠାରୁ ବୁଦ୍ଧିଆ ଓ ବିଚାରବନ୍ତ ଦୁନିଆରେ କେହିନାହିଁ । ବରଫଳ ପଡ଼ିବାରୁ ନାକ ମୋର ବିନ୍ଧା ହେଉଛି । ଯଦି ବରଫଳ କଖାରୁ ଫଳ ପରି ହୋଇଥାଆନ୍ତା, ତେବେ ମୋର ପ୍ରାଣ ଉଡ଼ି ଯାଇଥାଆନ୍ତା । ଲୋକଟି କହିଲା – ହେ ଭଗବାନ୍ ! ମୋର ଭୁଲ୍ ହୋଇଯାଇଛି । ମୋତେ କ୍ଷମା କରିଦିଅ । ତୁମେ ଯାହା କରିଛ ଠିକ୍ । ମୁଁ ଯାହାଭାବିଥିଲି ତାହା ଭୁଲ୍ । ଲୋକଟା ତା'ର ଭୁଲ୍ ବୁଝି ପାରିଲା ।

ଯାହାକୁ ଯେମିତି ଗଢିଛି ଦଇବ

ସେଥିରୁ କେମିତି ଅନ୍ୟଥା ହୋଇବ ।

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,

ଓଡ଼ିଶା ସରକାର, ଭୁବନେଶ୍ୱର